

ଲୋକନାଥଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁମାନେ ବ୍ୟାରିକେଡ୍ ଭିତରେ ଧାଡିରେ ଠିଆ ହୋଇଛନ୍ତି ।



ଲୋକନାଥ ମନ୍ଦିର ପରିସରରେ ଭକ୍ତମାନେ ଉଜାଗର ରହି ଦୀପ ଜାଳୁଛନ୍ତି । (ଫଟୋ-ଯଜ୍ଞେଶ୍ୱର ମହାନ୍ତି)

# ରାତ୍ରିର ଶେଷ ପ୍ରହରରେ ଉଠିଲା ମହାଦୀପ

- ଶ୍ରୀଲୋକନାଥ ମନ୍ଦିର
- ପଞ୍ଚ ମହାଦେବ ସମେତ ସମସ୍ତ ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼

**ପୁରୀ, ୨୬।୨ (ଅଜିତ୍ ମହାନ୍ତି)**

ରାଜ୍ୟର ଅନ୍ୟତମ ପ୍ରମୁଖ ଶୈବପୀଠ ଶ୍ରୀଲୋକନାଥ ମନ୍ଦିର ସମେତ ଶ୍ରୀକ୍ଷେତ୍ରର ପଞ୍ଚମହାଦେବ ଭାବେ ପୂଜିତ ଶ୍ରୀଯମେଶ୍ୱର, ମାର୍କଣ୍ଡେଶ୍ୱର, କପାଳମୋଚନ, ନୀଳକଣ୍ଠ ମନ୍ଦିରରେ ବୁଧବାର ଭକ୍ତିପୂତ ପରିବେଶ ମଧ୍ୟରେ ମହାଶିବରାତ୍ରି ପାଳିତ ହୋଇଯାଇଛି।

ଏଥିସହ ମଣିନାଗେଶ୍ୱର, ବାନାମ୍ବର, ଆଖଣ୍ଡଳମଣି ମନ୍ଦିର ସମେତ ବିଭିନ୍ନ ଶୈବପୀଠରେ ପୂଜାର୍ଚ୍ଚନା ପାଇଁ ଶ୍ରଦ୍ଧାଳୁଙ୍କ ଗହଳି ଲାଗିଥିଲା। ଶିବ ପଞ୍ଚାକ୍ଷର ଓ ମହାମୃତ୍ୟୁଞ୍ଜୟ ମନ୍ତ୍ରରେ ଶୈବପୀଠଗୁଡ଼ିକ ପ୍ରକମ୍ପିତ ହୋଇଉଠିଥିଲା। ଶ୍ରଦ୍ଧାଳୁମାନେ ରାତି ଉଜାଗର ରହି ଜାଗର ଦୀପ ଜାଳିଥିଲେ। ଅଧିକାଂଶ ମନ୍ଦିରରେ ମଧ୍ୟରାତ୍ରରେ ମହାଦୀପ ଉଠିଥିଲା। ତେବେ ଶ୍ରୀଲୋକନାଥ ପୀଠରେ ରାତିର ଶେଷ ପ୍ରହରରେ ମହାଦୀପ ଦର୍ଶନ ମିଳିଥିଲା।

ଶ୍ରୀଲୋକନାଥଙ୍କ ମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ରାତି ୧୨ଟାରେ ମନ୍ଦିର ଦ୍ୱାର ଫିଟିବା ପରେ ମଙ୍ଗଳ ଆଳତି, ଅବକାଶ, ସୂର୍ଯ୍ୟ ପୂଜା ଓ ଭୋଗ ସରି ନିର୍ଦ୍ଧାରିତ ସମୟ ପୂର୍ବରୁ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ବୁଧବାର ଭୋରରୁ ଭକ୍ତଙ୍କ ଭିଡ଼ ଲାଗିଥିଲା। ସ୍ୱତନ୍ତ୍ର ଦର୍ଶନ ପାଇଁ ୧୦୦ ଟଙ୍କିଆ ଟିକେଟ ବ୍ୟବସ୍ଥା କରାଯାଇଥିଲା। ଏଠାରେ ସହସ୍ରାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଓଁ ନମଃ ଶିବାୟ, ହର ହର ମହାଦେବ ପ୍ରଭୃତି ଧ୍ୱନିରେ ଜାଗରପଦା ପ୍ରକମ୍ପିତ ହୋଇଥିଲା। ମହାଶିବରାତ୍ରିରେ ଶ୍ରୀଲୋକନାଥଙ୍କୁ ଦର୍ଶନକଲେ ରୋଗବ୍ୟାଧିରୁ ମୁକ୍ତି ମିଳିବା ସହ ମନସ୍କାମନା ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ମାନସିକଧାରୀମାନେ ଶ୍ରୀଲୋକନାଥଙ୍କ ନିକଟରେ ରୁପା ଲାଗି କରିବା ସହ ଚୁଡ଼ାଘଷା ଭୋଗ କରିଥିଲେ। ସେହିପରି କିଆ, କେତକୀ, ନାଗେଶ୍ୱର, ପଳାଶ ଆଦି ଫୁଲ ଲାଗିକରାଇଥିଲେ। ସନ୍ଧ୍ୟାରୁ ମହାଦୀପ ଉଠିବା ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନେ ମନ୍ଦିର ପରିସରରେ ଦୀପଜାଳି ବସିରହିଥିଲେ। ଶ୍ରୀମନ୍ଦିରରୁ ମହାପ୍ରଭୁଙ୍କ ଆଜ୍ଞାମାଳ ପାଇ ଶ୍ରୀଲୋକନାଥଙ୍କ ଚଳନ୍ତି ପ୍ରତିମା ବିଭିନ୍ନ ସ୍ଥାନରେ ପଙ୍କ୍ତି ମଣୋହି ହୋଇ ବିଳମ୍ବିତ ରାତିରେ ଲୋକନାଥ ମନ୍ଦିରରେ ପହଞ୍ଚିଥିଲେ। ଚଳନ୍ତି ପ୍ରତିମା ଲୋକନାଥ ମନ୍ଦିରରେ ପହଞ୍ଚିବା ପରେ ଅନ୍ୟାନ୍ୟ ନୀତି ହୋଇ ମହାସ୍ନାନ ଓ ବେଶ ସରିବା ପରେ ମହାସ୍ନାନ ଯାତ୍ରାଙ୍ଗୀ ଭୋଗ କରାଯାଇଥିଲା। ଘଣ୍ଟଛତା ଭୋଗ, ହରିହର ଭେଟ, ହରିହର ପୂଜା କରାଯିବା ପରେ ଚନ୍ଦନ ଲାଗି, ବଡ଼ଶୃଙ୍ଗାର ବେଶ ସମ୍ପନ୍ନ ହୋଇଥିଲା। ପରେ ଚତୁର୍ଦ୍ଦଶୀ ଓ ବଡ଼ଶୃଙ୍ଗାର ଭୋଗ କରାଯାଇଥିଲା। ରାତ୍ର ଶେଷ ପ୍ରହରରେ ମହାଦୀପ ଉଠିବା ପରେ ଭୋରରୁ ରାତ୍ର ପହୁଡ଼ ଅନୁଷ୍ଠିତ ହୋଇଥିଲା। ଶ୍ରଦ୍ଧାଳୁମାନେ ମହାଦୀପ ଦର୍ଶନ କରି ମହାଦେବଙ୍କ ପ୍ରସାଦ ପାଇ ଉପବାସ ଭାଙ୍ଗିଥିଲେ। ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାରିକେଡ୍ ବ୍ୟବସ୍ଥା ସହ ୧୧ ପ୍ଲାଟୁନ ପୋଲିସ ଫୋର୍ସ ଓ ୨୨ରୁ ଊର୍ଦ୍ଧ୍ୱ ଅଧିକାରୀ ମୁତୟନ ହୋଇଥିଲେ। ଟ୍ରାଫିକ୍ ବ୍ୟବସ୍ଥାକୁ ସୁବନ୍ଦୋବସ୍ତ କରିବା ପାଇଁ ସ୍ୱତନ୍ତ୍ର ଆରକ୍ଷୀଙ୍କୁ ନିୟୋଜିତ କରାଯାଇଥିଲା।



ମହା ଶିବରାତ୍ରି ଅବସରରେ ମନ୍ଦିର ଆଗରେ ଶ୍ରଦ୍ଧାଳୁଙ୍କ ଭିଡ଼ ।





ହରିହର ଭେଟ ପାଇଁ ଲୋକନାଥ ପୀଠକୁ ଯାଉଛନ୍ତି । ଆଖଣ୍ଡଳମଣି ମନ୍ଦିର ପରିସରରେ ଶ୍ରଦ୍ଧାଳୁମାନେ ଦୀପ ଜାଳୁଛନ୍ତି ।



ମାର୍କଣ୍ଡେଶ୍ୱର ମନ୍ଦିରକୁ ଆଲୋକମାଳାରେ ସଜାଯାଇଛି ।

## ଜାଗରଯାତ୍ରାର ଏପାଖ ସେପାଖ

### ଦୀପ ଦାମ୍ ୧୦ରୁ ୧୦୦

ମହାଶିବରାତ୍ରିରେ ଉଜାଗର ରହି ଜାଗର ଦୀପ ଜାଳିଲେ ମନସ୍କାମନା ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ତେଣୁ ଶ୍ରୀଲୋକନାଥଙ୍କ ପୀଠ ନିକଟରେ ଅନେକ ଦୀପ ଦୋକାନ ଖୋଲିଥିଲା। ଦୀପ ଗୋଟାର ଦାମ୍ ୧୦ ଟଙ୍କାରୁ ଆରମ୍ଭ କରି ୧୦୦ ଟଙ୍କା ପର୍ଯ୍ୟନ୍ତ ରହିଥିଲା। ଭକ୍ତମାନେ ମନ୍ଦିର ଚାରିପାଖ ଓ ଜାଗର ପଡ଼ିଆରେ ବସି ଦୀପ ଜାଳିଥିଲେ।

### ଲୋକେ କିଣିଲେ ଜାଗର ଚଣା

ରାସ୍ତା ଉଭୟ ପାର୍ଶ୍ୱରେ ଅନେକ ଚଣା ଦୋକାନ ଖୋଲିଥିଲା। ଲୋକେ ସେଠାରୁ ଚଣା କିଣିନେଉଥିବା ଦେଖିବାକୁ ମିଳିଥିଲା। ଚଳିତବର୍ଷ ଚଣା ବ୍ୟବସାୟୀମାନେ ଭଲ ରୋଜଗାର କରିଥିବା ଜଣାପଡ଼ିଛି। ବିଶେଷକରି ଜାଗର ସମୟରେ ଲୋକନାଥ ପୀଠ ନିକଟରେ ଚଣା ବିକ୍ରି କରାଯାଇଥାଏ। ତାହାକୁ ଜାଗର ଚଣା ବୋଲି କୁହାଯାଏ। ଅଧିକାଂଶ ଲୋକେ ଶ୍ରୀଲୋକନାଥଙ୍କୁ ଦର୍ଶନକରି ଜାଗର ଚଣା ଧରି ଘରକୁ ଫେରିଥାନ୍ତି।

### କାମ ଚାଲିଥିବାରୁ ଦୀପ ଜାଳିବାକୁ ଭକ୍ତ ହଇରାଣ

ଶ୍ରୀଲୋକନାଥ ମନ୍ଦିର ଓ ଏହାର ଚତୁଃପାର୍ଶ୍ୱର ଉନ୍ନତୀକରଣ କାମ ଜାରି ରହିଛି। ମନ୍ଦିର ଚାରିପାଖରେ ବିଭିନ୍ନ ନିର୍ମାଣ କାର୍ଯ୍ୟ ଚାଲିଛି। କିଛି ସ୍ଥାନରେ ପେଭର ବ୍ଲକ୍ ପକାଯାଇଥିଲେ ଅନେକ ସ୍ଥାନରେ କାର୍ଯ୍ୟ ଅଧାପନ୍ତରିଆ ରହିଛି। ସେହିପରି କିଛି ସ୍ଥାନରେ ଲୁହାରଡ୍ ଆଦି ରଖାଯାଇଛି। ମନ୍ଦିର ଚାରିପାଖରେ ବଡ଼ ବାଡ଼ ନିର୍ମାଣ କରାଯାଇଛି। ଏଥିଯୋଗୁ ଭକ୍ତମାନେ ବସି ଦୀପ ଜାଳିବାକୁ ସମସ୍ୟା ଭୋଗିଥିବା ଦେଖିବାକୁ ମିଳିଥିଲା।

### ଖୋଜାପଡୁଛି ମାଟି ଓ ତାଳପତ୍ରରେ ନିର୍ମିତ ଖେଳନା

ପୂର୍ବରୁ ମାଟି ଓ ତାଳପତ୍ରରେ ନିର୍ମିତ ବାଜା ପ୍ରାୟତଃ ଜାଗର ସମୟରେ ବିକ୍ରି ହେଉଥିଲା। ସେଗୁଡ଼ିକ ବିଭିନ୍ନ ଆକୃତି ଓ ରଙ୍ଗବେରଙ୍ଗର ଥିଲା। ତେବେ ଅନେକ ବର୍ଷ ହେବ ସେସବୁ ବାଜା ଆଉ ଦେଖିବାକୁ ମିଳୁନାହିଁ। ସେହିପରି ମାଟିରେ ନିର୍ମିତ ଡମ୍ବରୁ, ତାଳପତ୍ରରେ ତିଆରି ଗଛ, ଝୁମୁକା, ପେଁକାଳି, ମାଟି କଡ଼େଇ ହଜିଗଲାଣି। ସେସବୁର ସ୍ଥାନ ନେଉଛି ପ୍ଲାଷ୍ଟିକ ସାମଗ୍ରୀ। ଜାଗର ପଡ଼ିଆରେ ସୁନ୍ଦର ପ୍ଲାଷ୍ଟିକ୍ ଖେଳନା ବିକ୍ରି ହେଉଥିବା ଦେଖିବାକୁ ମିଳିଛି।

### ଅସନ୍ତୋଷ ପ୍ରକାଶ, ପାତରଅନ୍ତର ଅଭିଯୋଗ

ମହାଶିବରାତ୍ରି ଅବସରରେ ଲୋକନାଥ ପୀଠରେ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବ୍ୟାରିକେଡ୍ ଦର୍ଶନ ବ୍ୟବସ୍ଥା କରାଯାଇଥିଲା। ଭକ୍ତମାନେ ବ୍ୟାରିକେଡ୍ ଦେଇ ଧାଡ଼ିରେ ଦର୍ଶନ କରିବାକୁ ଠିଆହୋଇ ରହିଥିଲେ। ସେହିପରି ମନ୍ଦିର ପଛଦ୍ୱାର ପଟେ ଟିକେଟ ଦର୍ଶନ ବ୍ୟବସ୍ଥା କରାଯାଇଥିଲା। ଯେଉଁମାନେ ଚାହୁଁଥିଲେ, ୧୦୦ ଟଙ୍କା ଦେଇ ଟିକେଟ କାଟି ଦର୍ଶନ କରିବାକୁ ଯାଉଥିଲେ। ତେବେ ଟିକେଟ କାଟି ବ୍ୟାରିକେଡ୍‌ରେ ଠିଆ ହୋଇଥିବା ଭକ୍ତଙ୍କୁ ଠିକ୍ ଭାବେ ଛଡ଼ାଯାଉଥିବାବେଳେ ସାଧାରଣ ଭକ୍ତ ଘଣ୍ଟା ଘଣ୍ଟା ଧରି ଧାଡ଼ିରେ ଠିଆ ହୋଇ ରହିଥିଲେ। ସେହିପରି କିଛି ଭକ୍ତଙ୍କଠାରୁ ଅଧିକ ଟଙ୍କା ନେଇ ଦର୍ଶନ କରାଯାଉଥିବା ନେଇ ଅନେକ ଭକ୍ତ ଅଭିଯୋଗ କରିଛନ୍ତି। ଏଭଳି ପାତରଅନ୍ତର ନୀତିକୁ ବିଭିନ୍ନ ମହଲରେ ନାପସନ୍ଦ କରାଯାଇଛି।

### ନିରାଶ ହେଲେ ଦିବ୍ୟାଙ୍ଗ ଭକ୍ତ

ପ୍ରଶାସନ ପକ୍ଷରୁ ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇଥିଲା। ତେବେ ଦିବ୍ୟାଙ୍ଗ ଭକ୍ତଙ୍କ ନିମନ୍ତେ ସେପରି କୌଣସି ବ୍ୟବସ୍ଥା ହୋଇନଥିଲା। ଫଳରେ ଦିବ୍ୟାଙ୍ଗ ଭକ୍ତ ଓ ବୟସ୍କ ଭକ୍ତମାନେ ହଇରାଣ ହୋଇଥିଲେ। ସ୍ୱତନ୍ତ୍ର ବ୍ୟବସ୍ଥା ନ ଥିବାରୁ ଦର୍ଶନକରି ନ ପାରି ଅନେକ ଭକ୍ତ ମନଦୁଃଖରେ ଫେରିଥିବା ଜଣାପଡ଼ିଛି। ସେହିପରି ଅନେକ ବୟସ୍କ ବ୍ୟକ୍ତି ଦୀର୍ଘ ସମୟ ବ୍ୟାରିକେଡ୍‌ରେ ବସି ଥକ୍କା ମେଣ୍ଟାଉଥିବା ଦେଖିବାକୁ ମିଳିଥିଲା।

– ଅଜିତ୍ କୁମାର ମହାନ୍ତି, ପୁରୀ।

# ଆକର୍ଷଣ ସାଜିଲା ସାଂସ୍କୃତିକ କାର୍ଯ୍ୟକ୍ରମ

**ପୁରୀ, ୨୬।୨ (ଅଜିତ୍ କୁମାର ମହାନ୍ତି)**

ମହାଶିବରାତ୍ରି ଓ ଜାଗର ଯାତ୍ରା ଉପଲକ୍ଷେ ଶ୍ରୀ ଶ୍ରୀ ଲୋକନାଥ ଦେବ ସାଂସ୍କୃତିକ ସଂସଦ ପୁରୀ ପକ୍ଷରୁ ଶ୍ରୀଲୋକନାଥ ଦେବ ମନ୍ଦିର ଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଉପଜିଲାପାଳ ରାଜକିଶୋର ଜେନା ପ୍ରଭୁ ଲୋକନାଥଙ୍କୁ ପ୍ରଦୀପ ସମର୍ପଣ ପୂର୍ବକ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏହାସହିତ ପ୍ରାକ୍ତନ ପ୍ରଶାସକ ବିନୋଦ ପଣ୍ଡା, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଅନୁଷ୍ଠାନର ସଭାପତି ରବିନାରାୟଣ ପଣ୍ଡା, ସମ୍ପାଦକ ନରେନ୍ଦ୍ର ମହାନ୍ତି କାର୍ଯ୍ୟକ୍ରମରେ ଯୋଗଦେବା ସହ ପରିଚାଳନା କରିଥିଲେ। ପ୍ରାରମ୍ଭରେ ଉପସଭାପତି ରାଜେଶ ମିଶ୍ର ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ପରିଶେଷରେ ଉପଦେଷ୍ଟା ଲକ୍ଷ୍ମୀଧର ଦାଶ ଧନ୍ୟବାଦ ଦେଇଥିଲେ। ପରେ ଜିଲାରୁ ଓ ଜିଲା ବାହାରୁ କଳାକାରମାନେ ଯୋଗଦେଇ କାର୍ଯ୍ୟକ୍ରମ କରିଥିଲେ। ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ।



କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି ।

## ସେବା ଯୋଗାଇଲେ ବିଭିନ୍ନ ଅନୁଷ୍ଠାନ

**ପୁରୀ, ୨୬।୨ (ଅଜିତ୍ କୁମାର ମହାନ୍ତି)**

ମହାଶିବରାତ୍ରି ଅବସରରେ ବୁଧବାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଭକ୍ତଙ୍କୁ ସେବା ଯୋଗାଇ ଦିଆଯାଇଛି। ଭାରତ ସ୍କାଉଟ ଆଣ୍ଡ ଗାଇଡ ପୁରୀ ଶାଖା ପକ୍ଷରୁ ଭକ୍ତଙ୍କୁ ଜଳ ଓ ସର୍ବତ ବଣ୍ଟନ ସହ ଟ୍ରାଫିକ୍ ନିୟନ୍ତ୍ରଣରେ ପୋଲିସ ସହଯୋଗ ଯୋଗାଇ ଦିଆଯାଇଥିଲା। ଜିଲା ସ୍କାଉଟ୍ ଗାଇଡ୍ ସହ ଶ୍ରୀକ୍ଷେତ୍ର ରୋଭର ଆଣ୍ଡ ରେଞ୍ଜର ଟିମ୍ ଏବଂ ଶ୍ରୀଜଗନ୍ନାଥ ରୋଭର ଟିମ୍ ପକ୍ଷରୁ ଭକ୍ତଙ୍କୁ ସେବା ପ୍ରଦାନ କରାଯାଇଥିଲା। 'ଉର୍ଜାବାନ୍ ଓଡ଼ିଶା' ପକ୍ଷରୁ ଭକ୍ତଙ୍କୁ ସର୍ବତ ଓ ଜଳ ବଣ୍ଟାଯାଇଥିଲା। ଅନୁଷ୍ଠାନର ସମ୍ପାଦିକା ନିହାରିକା ଓ ସଭାପତି ସନ୍ତୋଷ କୁମାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ପକ୍ଷରୁ ଶ୍ରୀଲୋକନାଥ ମନ୍ଦିରରେ ଭକ୍ତଙ୍କୁ ବିଭିନ୍ନ ସେବା ଯୋଗାଇ ଦିଆଯାଇଥିଲା। 'ହାପିନେସ ଫାଉଣ୍ଡେଶନ' ପକ୍ଷରୁ ବିଭିନ୍ନ ସେବା ଯୋଗାଇ ଦିଆଯାଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଇଂ. ପ୍ରଦୀପ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ସେବା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ବିଶ୍ୱହିନ୍ଦୁ ପରିଷଦ, ବଜରଙ୍ଗ ଦଳ, ଭାରତ ବିକାଶ ପରିଷଦ, ଆପଣଙ୍କ ସେବା ଆଦି ବିଭିନ୍ନ ଅନୁଷ୍ଠାନଙ୍କୁ ଭକ୍ତଙ୍କୁ ବିଭିନ୍ନ ପ୍ରକାର ସେବା ଯୋଗାଇ ଦିଆଯାଇଥିଲା।

# ଶିବ ପଞ୍ଚାକ୍ଷରୀରେ କମ୍ପିଲା ଶୈବପୀଠ

**ସାକ୍ଷୀଗୋପାଳ/ବଳଙ୍ଗା/କଣାସ/ପିପିଲି/ଅସ୍ତରଙ୍ଗ/ଯୋଗେଶ୍ୱରପୁର, ୨୬।୨ (କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ/କେଦାରେଶ୍ୱର ନନ୍ଦ/ ବିଭୂତି ଭୂଷଣ ତ୍ରିପାଠୀ/ ଦୁର୍ଗାମାଧବ ମିଶ୍ର/ ପ୍ରଦୀପ୍ତ କୁମାର ଦୀକ୍ଷିତ/ରଶ୍ମିରଞ୍ଜନ ସାହୁ)**

ସାକ୍ଷୀଗୋପାଳ ଅଞ୍ଚଳର ବିଭିନ୍ନ ଶୈବପୀଠ ମହାଶିବରାତ୍ରି ପାଇଁ ଚଳଚଞ୍ଚଳ ହୋଇଉଠିଛି। ଦିନତମାମ୍ ଠାକୁରଙ୍କ ପୂଜାର୍ଚ୍ଚନା ପାଇଁ ଭିଡ଼ ଲାଗିଥିବା ବେଳେ ମାନସିକ ପୂରଣ ଲାଗି ଉଜାଗର ରହି ଶ୍ରଦ୍ଧାଳୁମାନେ ମନ୍ଦିର ବେଢ଼ାରେ ଜାଗର ଦୀପ ଜାଳିଥିଲେ। ନାମକୀର୍ତ୍ତନ ସହ ପାଲା, ଶ୍ରୀରାମଲୀଳା ଓ ଗୋଟିପୁଅ ନୃତ୍ୟ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପୁରାଣପ୍ରସିଦ୍ଧ ବରାଳ, ବରପୁତ୍ର ସୁଆଣ୍ଡୋ, ଶାଣ୍ଡରା ନୀଳକଣ୍ଠେଶ୍ୱର, ଷୋଳହଳ ବାବା ଲୋକନାଥ, କୋଶଳେଶ୍ୱର, ମୁଆଁଖିଆ, ଲକ୍ଷେଶ୍ୱର, ଧବଳେଶ୍ୱର, ଖିରିଖିଆ, ଅନନ୍ତେଶ୍ୱର, ରତ୍ନେଶ୍ୱର, ଖଜୁରେଶ୍ୱର, ଗଡିଶ୍ୱର, ଡାହାଣେଶ୍ୱର ଆଦି ଶୈବପୀଠରେ ଜାଗରଯାତ୍ରା ପାଳିତ ହୋଇଯାଇଛି।

ବଳଙ୍ଗା ଓ ଏହାର ଆଖପାଖ ଅଞ୍ଚଳ ଯଥା ବଳଙ୍ଗାର ବକ୍ରେଶ୍ୱର ମହାଦେବ, ନୂଆସନ୍ଥର ଗଡେଶ୍ୱର ମହାଦେବ, ଚକ୍ରକୁଦର ଲୋକନାଥ ମନ୍ଦିର, କୋକିଦାର ମହାଦେବ, କୋଠକୁସାଙ୍ଗର ନୀଳକଣ୍ଠେଶ୍ୱର ପ୍ରଭୃତି ଶୈବପୀଠରେ ଜାଗର ଉତ୍ସବ ଅନୁଷ୍ଠିତ ହୋଇଛି।

ସେହିପରି କଣାସ ଅଞ୍ଚଳର ଦୋକନ୍ଦା, ବାଲିପାଟଣା, ବଡ଼ାସ, ପାଣ୍ଡିଆକେରା, ବାରିମଣ୍ଡଳ, ମୋଟରୀ, ତ୍ରିଲୋଚନପୁର, କାତପଡ଼ା, କଣ୍ଟପଡ଼ା, ନୂଆପଡ଼ା, ସିରେଇ, ଗୁଡ଼ିପୁର, ଜଙ୍କିଆ, କରମଳା, ଗଡ଼ିଶାଗୋଦା, ସାହସପୁର, ରାଇଗରପୁର, ମାଳିସାହି, ଶ୍ରୀମୁକୁନ୍ଦପୁର ଓ ବଡ଼ାଲ ପ୍ରଭୃତି ଗ୍ରାମର ଶିବମନ୍ଦିରରେ ମହାଶିବରାତ୍ରି ପାଳିତ ହୋଇଯାଇଛି।

ପିପିଲି ଅଞ୍ଚଳରେ ଥିବା ସମସ୍ତ ଶୈବପୀଠ ଯଥା ଶିଉଳା, ଲୋହପୁର, ଗୋବର୍ଦ୍ଧନପୁର, କାଇରି, ପିପିଲି, ଖଣ୍ଡିଆଗିରି, ନିଜିଗଡ଼କୁରୁଖି, କାକୁଡ଼ିଆ, ମକରବା ଆଦି ଠାରେ ଥିବା ଶୈବପୀଠରେ ଆଡ଼ମ୍ବର ସହକାରେ ଜାଗର ଯାତ୍ରା ପାଳିତ ହୋଇଯାଇଛି।

କାକଟପୁର ବ୍ଲକର ୧୬ ପଞ୍ଚାୟତ ଓ ଅସ୍ତରଙ୍ଗ ବ୍ଲକର ୧୫ ପଞ୍ଚାୟତରେ ଥିବା ସମସ୍ତ ଶୈବପୀଠ ମହାଶିବରାତ୍ରି ଅବସରରେ ଚଳଚଞ୍ଚଳ ହୋଇଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ମନ୍ଦିର ସହ ବେଢ଼ା ଚତୁଃପାର୍ଶ୍ୱକୁ ମହାଶିବରାତ୍ରି ନିମନ୍ତେ ରଙ୍ଗବେରଙ୍ଗ ଆଲୋକମାଳାରେ ସଜ୍ଜିତ କରାଯାଇଥିଲା।

ନୟାହାଟ ଅଞ୍ଚଳର ଶିଙ୍ଗପାନିଆଁ, ରାମେଶ୍ୱର, ନରସିଂହପୁର, ଯୋଗେଶ୍ୱରପୁର, ବାଣହରା, ସେରେଇ, ପାଞ୍ଚେଣା, ମୁରୁଡ଼ା, ରାଇସ, କରମଳା ସୁଆରର ଶୈବପୀଠରେ ଜାଗରଯାତ୍ରା ଶାନ୍ତିଶୃଙ୍ଖଳାରେ ପାଳିତ ହୋଇଯାଇଛି।



ଅସ୍ତରଙ୍ଗର ଏକ ଶିବ ମନ୍ଦିରରେ ଭକ୍ତମାନେ ଦୀପ ଜାଳୁଛନ୍ତି ।



ମହାଶିବରାତ୍ରି ଓ ଜାଗର ଯାତ୍ରା: ଶ୍ରୀଲିଙ୍ଗରାଜ ମନ୍ଦିରରେ ଶ୍ରଦ୍ଧାଳୁମାନେ ଜାଗର ଦୀପ ଜାଳୁଛନ୍ତି।



ପ୍ରଭୁ ଶ୍ରୀଲିଙ୍ଗରାଜଙ୍କୁ ଦର୍ଶନ ପାଇଁ ବୁଧବାର ସକାଳେ ଶ୍ରଦ୍ଧାଳୁମାନେ ମନ୍ଦିର ପରିସରରେ ଧାଡ଼ିରେ ଯାଉଛନ୍ତି।

# 'ଓଁ ନମଃ ଶିବାୟ' ଧ୍ୱନିରେ ଗୁଞ୍ଜରିତ ଶୈବପୀଠ

ଭୁବନେଶ୍ୱର,୨୬।୨
(ସୌମ୍ୟରଞ୍ଜନ ରାଉତ)

ମନ୍ଦିରମାଳିନୀ ଭୁବନେଶ୍ୱରରେ ମହାଶିବରାତ୍ରି ଓ ପବିତ୍ର ଜାଗର ଉତ୍ସବ ଭକ୍ତି, ନିଷ୍ଠାର ସହ ପାଳିତ ହୋଇଯାଇଛି। ଏଥିପାଇଁ ବୁଧବାର ସକାଳୁ ଶୈବପୀଠଗୁଡ଼ିକ ଉତ୍ସବମୁଖରିତ ହୋଇଉଠିଥିଲା। ଶ୍ରଦ୍ଧାଳୁ ଓ ବ୍ରତଧାରୀମାନେ ମନ୍ଦିର ଯାଇ ମହାଦେବଙ୍କୁ ଦର୍ଶନ ସହ ପୂଜାର୍ଚ୍ଚନା କରିଥିଲେ। ସବୁଠି ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିବାବେଳେ 'ଓଁ ନମଃ ଶିବାୟ', 'ହର ହର ମହାଦେବ' ଧ୍ୱନିରେ ମନ୍ଦିର ପରିସର ଗୁଞ୍ଜରିତ ହେଉଥିଲା। ଦିନସାରା ନିଷ୍ଠାରେ ରହିବା ସହ ସନ୍ଧ୍ୟାରେ ଦୀପ ଜଳାଇ ମହାଦୀପ ଉଠିବା ପର୍ଯ୍ୟନ୍ତ ଭକ୍ତ ଓ ଶ୍ରଦ୍ଧାଳୁ ଶିବଙ୍କୁ ଆରାଧନା କରିଥିଲେ। ବହୁ ଭକ୍ତ ଶୈବପୀଠରେ ରାତି ଉଜାଗର ରହି ଦୀପ ଜାଳିବା ସହ ମାଳା ଜପ ଓ ଧ୍ୟାନ କରୁଥିବା ଦେଖିବାକୁ ମିଳିଥିଲା। ପ୍ରଭୁ ଲିଙ୍ଗରାଜ ମନ୍ଦିର, କପିଳେଶ୍ୱର, ମେଘେଶ୍ୱର, ମୁକ୍ତେଶ୍ୱର, କେଦାରଗୌରୀ, ବ୍ରହ୍ମେଶ୍ୱର, ନୀଳକଣ୍ଠେଶ୍ୱର, ଭାସ୍କରେଶ୍ୱର ସମେତ ବିଭିନ୍ନ ଶୈବପୀଠରେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ମନ୍ଦିର କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ସନ୍ଧ୍ୟାରେ ବିଭିନ୍ନ ମନ୍ଦିରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିବାବେଳେ ବିଭିନ୍ନ ମନ୍ଦିରରେ ଭିନ୍ନ ଭିନ୍ନ ସମୟରେ ମହାଦୀପ ଉଠିଥିଲା। ମେଘେଶ୍ୱର ମନ୍ଦିରରେ ରାତି ୧୦ଟା ୧୫ରେ ମହାଦୀପ ଉଠିଥିବାବେଳେ ବ୍ରହ୍ମେଶ୍ୱର ମନ୍ଦିରରେ ରାତି ୧୦ଟା ୩୦, ଭାସ୍କରେଶ୍ୱର ମନ୍ଦିରରେ ରାତି ୧୦ଟା ୧୦, ଭୀମେଶ୍ୱର ମନ୍ଦିରରେ ରାତି ୧୦ଟା ୩୦, କପିଳେଶ୍ୱର ମନ୍ଦିରରେ ୧୦ଟା ୩୦, ଚନ୍ଦନେଶ୍ୱର ମନ୍ଦିରରେ ରାତି ୧୦ଟା, ଆଖଣ୍ଡଳେଶ୍ୱର ମନ୍ଦିରରେ ୧୦ଟା ୩୦, ଲକ୍ଷେଶ୍ୱର ମନ୍ଦିରରେ ରାତି ୧୧ଟା, ଗ୍ରାମେଶ୍ୱର ମନ୍ଦିର ରାତି ୧୦ଟା ଓ ବାଲୁଙ୍କେଶ୍ୱରରେ ରାତି ୧୦ଟାରେ ମହାଦୀପ ଉଠିଥିଲା। ବ୍ରହ୍ମେଶ୍ୱର, ଭାସ୍କରେଶ୍ୱର ମନ୍ଦିର ସମେତ ବିଭିନ୍ନ ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଲାଗି ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା।



ପୁରୁଣା ଭୁବନେଶ୍ୱରସ୍ଥିତ ଚିନ୍ତାମଣିଶ୍ୱର ମନ୍ଦିରରେ ଜଳୁଥିବା ବୃହତ୍ ଦୀପ। (ଫଟୋ: ବିକାଶ ନାୟକ)

ବ୍ରହ୍ମେଶ୍ୱର ମନ୍ଦିରରେ ଠାକୁରଙ୍କୁ ଦର୍ଶନ ପାଇଁ ଅପେକ୍ଷା କରି ରହିଥିବା ଶ୍ରଦ୍ଧାଳୁମାନେ।



# ଚଣ୍ଡେଶ୍ୱର ମନ୍ଦିରରେ ଜାଗର ଉତ୍ସବ

ଭୁବନେଶ୍ୱର,୨୬।୨(ସୌମ୍ୟରଞ୍ଜନ ରାଉତ)- ୟୁନିଟ୍-୫ସ୍ଥିତ ଚଣ୍ଡେଶ୍ୱର ଓ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ମହାପ୍ରଭୁ ଚଣ୍ଡେଶ୍ୱରଙ୍କ ଜାଗରଯାତ୍ରା ବୁଧବାର ମହାସମାରୋହରେ ପାଳିତ ହୋଇଯାଇଛି। ଭୋର୍‌ରେ ସମସ୍ତ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ଆରମ୍ଭ ହୋଇ ଦିନରେ ହୋମଯଜ୍ଞ ସହ ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଥିଲା। ରାତି ପର୍ଯ୍ୟନ୍ତ ଶହ ଶହ ଶ୍ରଦ୍ଧାଳୁ ପୂଜାର୍ଚ୍ଚନା କରିବା ସହ ମହାଦୀପ ଉଠିବା ପର୍ଯ୍ୟନ୍ତ ଜାଗର ଜାଳିଥିଲେ। ଭଜନ ପରିବେଷଣ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା। ହରିହର ଭେଟ ନୀତି ପରେ ରାତି ୧୦ଟାରେ ଘଣ୍ଟ ଘଣ୍ଟା, ବିଜେ କାହାଳୀ, ହରିବୋଲ ହୁଳହୁଳି ସହ ହର ହର ମହାଦେବ ଧ୍ୱନିରେ ଦୁଇ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ମହାଦୀପ ଉଠିଥିଲା। ପରେ ମନ୍ଦିର ପରିଚାଳନା କମିଟି ତରଫରୁ ଶ୍ରଦ୍ଧାଳୁଙ୍କୁ ଅନ୍ନ ପ୍ରସାଦ ବଣ୍ଟନ କରାଯାଇଥିଲା।





ମହାଶିବରାତ୍ରିରେ ଚିନ୍ତାମଣିଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା।



ବ୍ରହ୍ମେଶ୍ୱର ମନ୍ଦିର।



ମେଘେଶ୍ୱର ମନ୍ଦିର।



ଶିରିପୁର ଓୟୁଏଟି ନିକଟ ଝାଡେଶ୍ୱର ମହାଦେବଙ୍କ ମନ୍ଦିରରେ ଠାକୁରଙ୍କ ରାଜରାଜେଶ୍ୱର ବେଶ।

# ୨୧ ଜଣଙ୍କୁ ଏକାମ୍ର ସମ୍ମାନ

## ଭଜନ ଗାଇଲେ ଉଷା, ଅନୁରାଧା, ଅଭିଜିତ୍

ପୁରୁଣା ଭୁବନେଶ୍ୱର,୨୬।୨
(ସୁବାସ ଚନ୍ଦ୍ର ପ୍ରଧାନ)

ଶ୍ରୀ ଲିଙ୍ଗରାଜଙ୍କ ମହାଶିବରାତ୍ରୀ ଉପଲକ୍ଷେ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ୨୪ ଘଣ୍ଟିଆ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭୋର ୪ଟାରୁ ଶଙ୍ଖଧ୍ୱନି, ବେଦ ପାଠ, ଶିବ ସହସ୍ରନାମ, ଭାଗବତ ଗୀତାପାଠ, ଶିବ ଚେତନା, ହରିହର ଭଜନ, ରାମଚରିତ ମାନସ ପରାୟଣ ଓ ପ୍ରବଚନ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଚାଲିଥିଲା। ପରେ ମୁମ୍ବାଇର ପ୍ରସିଦ୍ଧ କଣ୍ଠଶିଳ୍ପୀ ଉଷା ଉଥୁପ, ଅନୁରାଧା ପଡ୍‌ୱାଲ, ଅଭିଜିତ୍ ଘୋଷାଲ, କୁମାର ସଞ୍ଜୟ, ପ୍ରତୋଷ ଶର୍ମା, ମଧୁମିତା ପାଉଲଙ୍କ ସମେତ ୨୫ରୁ ଊର୍ଦ୍ଧ୍ୱ ଖ୍ୟାତନାମା କଣ୍ଠଶିଳ୍ପୀ ସଙ୍ଗୀତ ନିର୍ଦ୍ଦେଶକ ମନ୍ମଥ ମିଶ୍ରଙ୍କ ନିର୍ଦ୍ଦେଶନାରେ ଭଜନ ପରିବେଷଣ କରିଥିଲେ। କୋଲକାତାର ସଞ୍ଜୟ କୁମାରଙ୍କ ଡୁଆଲ କଣ୍ଠରେ ସତ୍ୟମ ଶିବମ ସୁନ୍ଦରମ୍, ଶିବଶଙ୍କର କୋ ଜିସନେ ପୂଜା ଆଦି ସଙ୍ଗୀତ ଦର୍ଶକଙ୍କ ମନ ମୋହିଥିଲା।

କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ନୂତନ ମଣ୍ଡପ ପାଇଁ ନଡ଼ିଆ ବାଡେଇ ଶୁଭ ଦେଇଥିଲେ। ମୁଖ୍ୟବକ୍ତା ଭାବେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ଅନୁଷ୍ଠାନ ଉପସଭାପତି ବିଧାୟକ ବାବୁ ସିଂ, ବିଏମ୍‌ସି ମେୟର ସୁଲୋଚନା ଦାସ, ଭାଜପା ନେତା ସମୀର ମହାନ୍ତି, ଶିବାନନ୍ଦ ରାୟ, ନିରଞ୍ଜନ ମିଶ୍ର, ଜଗନ୍ନାଥ ପ୍ରଧାନ, ରଶ୍ମି ମହାପାତ୍ର, ପାଣିପାଗ ବିଶେଷଜ୍ଞ ମୃତ୍ୟୁଞ୍ଜୟ ମହାପାତ୍ର, କର୍ପୋରେଟର ଚନ୍ଦ୍ରଶେଖର ମଲିଆ, ବିରଞ୍ଚି ନାରାୟଣ ମହାଶୂପକାର ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନ ସଭାପତି ତଥା ପୂର୍ବତନ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ଅଧ୍ୟକ୍ଷତାରେ ଏକ ସଭା ହୋଇଥିଲା। ସମ୍ପାଦକ ସନତ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ମୁମ୍ବାଇର ଅନୁରାଧା ପଡ୍‌ୱାଲ, ଅଭିଜିତ ଘୋଷାଲ, ଉଷା ଉଥୁପ, ମଧୁମିତା ପାଉଲ, ୟୁପିର ପ୍ରତୋଷ ଶର୍ମା, କୋଲକତାର କୁମାର ସଞ୍ଜୟ, ପାଣିପାଗ ବିଶେଷଜ୍ଞ ମୃତ୍ୟୁଞ୍ଜୟ ମହାପାତ୍ର, ସଂସ୍କୃତି ବିଶ୍ୱବିଦ୍ୟାଳୟ କୁଳପତି ପ୍ରସନ୍ନ କୁମାର ସ୍ୱାଇଁ, ପ୍ରବଚକ ଜିତୁ ଦାସ, ପଙ୍କଜଲୋଚନ ମହାନ୍ତି, ବଇଆ କୋରାଖଈର ଭାଗବତ ସାହୁ, ସଙ୍ଗଠକ ଚିନ୍ମୟନନ୍ଦ ବଡ଼ଜେନା, ପରିବେଶବିତ୍ କେ. ମୁରୁଗାସାନ, ବରିଷ୍ଠ ଅର୍ଥନୀତିଜ୍ଞ ରାଜୀବ ଶେଖର ସାହୁ, ସଙ୍ଗୀତ ନିର୍ଦ୍ଦେଶକ ପ୍ରେମାନନ୍ଦ, ଶିକ୍ଷାବିତ୍ ବଦ୍ରିନାଥ ପଟ୍ଟନାୟକ, ଓକିଲ ସଂଘ ସମ୍ପାଦକ ଦୀପକ ଦାଶ, ଆଇନଜୀବୀ ସତ୍ୟରଞ୍ଜନ ସେନାପତି, ବରିଷ୍ଠ ଡା. ଶଙ୍କର ଆଚାର୍ଯ୍ୟ, ମାଧବ ନନ୍ଦ ବେହୁରା, ସାମାଜିକ କର୍ମୀ ତିରୁପତି ପାଣିଗ୍ରାହୀ, ଶ୍ରୀବତ୍ସ ପତି, ଇପ୍ସିତା ଦାସ ପ୍ରମୁଖଙ୍କୁ 'ଏକାମ୍ର ସମ୍ମାନ' ପ୍ରଦାନ କରାଯାଇଥିଲା। ଓଡ଼ିଆ କଣ୍ଠଶିଳ୍ପୀ ଗୀତା ଦାଶ, ଶୈଳଭାମା ମହାପାତ୍ର, ସୌରଭ ନାୟକ, ଶ୍ରୀଚରଣ ମହାନ୍ତି, ରବୀନ୍ଦ୍ର ମହାପାତ୍ର, ଦିପ୍ତୀରେଖା ପାଢୀ, ଅଞ୍ଜଳି ମିଶ୍ର, ମାନସୀ ପାତ୍ର, ଆଲୋକ କୁଣ୍ଡୁ, ସୁଧାକର ମିଶ୍ର, ପିନାକୀ ନାୟକ, କ୍ରିଷ୍ଣା ମିଶ୍ର, ପ୍ରଫୁଲ୍ଲ ବେହେରା, ପ୍ରକୃତି ମିଶ୍ର, ଦିବ୍ୟା ପ୍ରିୟଦର୍ଶନୀ, ବିଷ୍ଣୁପ୍ରିୟା, ଅରୂପା ଦାସ, କୃଷ୍ଣଚନ୍ଦ୍ର, ସ୍ୱଦେଶ କୁମାର ପ୍ରମୁଖ ଉପସ୍ଥିତ ଥିଲେ।



ଅନୁରାଧା ପଡ଼୍‌ୱାଲ, ଉଷା ଉଥୁପ ଭଜନ ପରିବେଷଣ କରୁଛନ୍ତି।

## ସଂକ୍ଷେପରେ

### ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼

ଟାଙ୍ଗୀ-ଖୋର୍ଦ୍ଧା,୨୬।୨(ରଘୁନାଥ ସାହୁ)

ଟାଙ୍ଗୀ ଓ ଏହାର ଆଖପାଖ ଅଞ୍ଚଳରେ ଥିବା ବିଭିନ୍ନ ଶୈବପୀଠରେ ମହାସମାରୋହରେ ଜାଗର ଓ ମହାଶିବରାତ୍ରି ପାଳିତ ହୋଇଯାଇଛି। ଶ୍ରଦ୍ଧାଳୁ ଦିନତମାମ ଉପବାସ ରହି ମନସ୍କାମନା ପୂର୍ଣ୍ଣ ପାଇଁ ଶୈବପୀଠରେ ଦୀପ ଜାଳିଥିଲେ। ମନ୍ଦିର କମିଟି ପକ୍ଷରୁ ମନ୍ଦିର ପରିସରକୁ ଆଲୋକସଜ୍ଜା କରିବା ସହ ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ଟାଙ୍ଗୀ, ବଡ଼ପାରୀ, ଚଣ୍ଡେଶ୍ୱର, ଚାନ୍ଦପୁର, କନ୍ଧନୟାଗଡ଼, କେରେଣ୍ଡାଟାଙ୍ଗୀ, ସୁନ୍ଦରପୁରସ୍ଥିତ ଶ୍ରୀ ଲୋକନାଥ ଦେବ, ବିଲବାଲୁଙ୍କେଶ୍ୱର, ବାଲୁଙ୍କେଶ୍ୱର ଦେବ, ମୁକ୍ତେଶର ଦେବ, ଚଣ୍ଡୀହରଦେବ ପୀଠରେ ମହାସମାରୋହରେ ମହା ଶିବରାତ୍ରୀ ପାଳିତ ହୋଇଯାଇଛି। ଶୃଙ୍ଖଳା ପାଇଁ ସ୍ଥାନୀୟ ପୋଲିସ, ସ୍ୱେଚ୍ଛାସେବୀ ସଙ୍ଗଠନ, ମନ୍ଦିର କମିଟି ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ଏବିଭିପିର ସେବା କାର୍ଯ୍ୟ

ଖୋର୍ଦ୍ଧା,୨୬।୨(ପ୍ରଭାତ ପାଣିଗ୍ରାହୀ)

ମହାଶିବରାତ୍ରି ଅବସରରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଖୋର୍ଦ୍ଧାନଗର ପକ୍ଷରୁ ଗୁରୁଜଙ୍ଗସ୍ଥିତ ଶ୍ରୀଧବଳଶ୍ୱେରଙ୍କ ପୀଠ ପରିସରରେ ସେବା କାର୍ଯ୍ୟ ଆୟୋଜିତ ହୋଇଯାଇଛି। ପରିଷଦର କର୍ମକର୍ତ୍ତାମାନେ ଭକ୍ତଙ୍କୁ ଲେମ୍ବୁ ସରବତ, ଦହିପଣା, ପାନୀୟଜଳ ବଣ୍ଟନ କରିଥିଲେ। ଏଥିରେ ପରିଷଦର ରାଜ୍ୟ ସମ୍ପାଦିକା ଦୀପ୍ତିମୟୀ ପ୍ରତିହାରୀ, ପ୍ରୀତିପଲ୍ଲବୀ ମହାପାତ୍ର, ସୌମ୍ୟରଞ୍ଜନ ସାହୁ, ଦଧିବାମନ ଦାସ, ଅଭିଳାଷ ସାହୁ, ଲିତେଶ ମହାପାତ୍ର, ଶକ୍ତିଶଙ୍କର ସ୍ୱାଇଁ, ମାନସ ସାହୁ ପ୍ରମୁଖ ସାମିଲ ହୋଇଥିଲେ।

### ସ୍ୱେଚ୍ଛାସେବୀଙ୍କ ଜଳଛତ୍ର ଶିବିର

ବାଣପୁର,୨୬।୨(ଦିଲୀପ କୁମାର ସ୍ୱାଇଁ)

ବାଣପୁର ପବିତ୍ର ମହାଶିବରାତ୍ରି ଉପଲକ୍ଷେ ଗୋଦାବରୀଶ ମହାବିଦ୍ୟାଳୟ ଓ ଗୋଦାବରୀଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀଙ୍କ ଦ୍ୱାରା ବୁଧବାର ଏକ ଶିବିର ଆୟୋଜିତ ହୋଇଯାଇଛି। ବାଟୋଇ ତଥା ଗଛବାଲୁଙ୍କେଶ୍ୱର ମନ୍ଦିରକୁ ଆସୁଥିବା ଭକ୍ତଜନଙ୍କୁ ଜଳଛତ୍ର ମାଧ୍ୟମରେ ଜଳ ବଣ୍ଟନ କରାଯାଇଥିଲା। ଏହି ଜଳ ବଣ୍ଟନ କାର୍ଯ୍ୟକ୍ରମ ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିଥିଲା। ଶିବିରକୁ ମହାବିଦ୍ୟାଳୟ ଅଧ୍ୟକ୍ଷ ବିନାୟକ ହୋତା ଉଦ୍‌ଘାଟନ କରିଥିଲେ। ଶିବିରଟି ଗୋଦାବରୀଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ଯୋଜନା ଅଧିକାରୀ ଜୟନ୍ତ କୁମାର ବିହାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା।

### ଶୈବପୀଠରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼

ବାରଙ୍ଗ/ତ୍ରିଶୂଳିଆ,୨୬।୨
(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)

ମହାଶିବରାତ୍ରୀ ଅବସରରେ ବାରଙ୍ଗ ଓ ଏହାର ଆଖପାଖ ଅଞ୍ଚଳରେ ଥିବା ବିଭିନ୍ନ ଶୈବପୀଠରେ ବୁଧବାର ଶିବଭକ୍ତଙ୍କ ଭିଡ଼ ଦିନତମାମ ଲାଗି ରହିଥିଲା। ତଳଗଡ଼ର ସିଦ୍ଧେଶ୍ୱର, ବାରଙ୍ଗ ଗେଟ୍ ବଜାର ବାବା ଗୋରଖନାଥ, ରତାଗଡ଼ର ଜଟେଶ୍ୱର, ଗୋଡ଼ିସାହିର ରାମେଶ୍ୱର, ବାଆଁରାର ସୁବୁଦ୍ଧେଶ୍ୱର, ମଧୁବନର କନକେଶ୍ୱର, ନରଣପୁରର ରାମେଶ୍ୱର, ମୁଣ୍ଡଳୀର ମୁକ୍ତେଶ୍ୱର, ବିଦ୍ୟାଧରପୁର ଆଖଣ୍ଡଳମଣୀ, ମୁଣ୍ଡମୁହାଣର ପର୍ଣ୍ଣଙ୍ଗେଶ୍ୱର, ପାଟପୁରର ଶିକ୍ତେଶ୍ୱର, ଷଣ୍ଢପୁରର ଧବଳେଶ୍ୱର ଆଦି ଶୈବପୀଠରେ ପ୍ରବଳ ଭିଡ଼ ହୋଇଥିଲା।

# ୧୧ଟା ୪୫ରେ ଉଠିଲା ଧବଳେଶ୍ୱରଙ୍କ ମହାଦୀପ

ଖୋର୍ଦ୍ଧା,୨୬।୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଅଞ୍ଚଳର ପ୍ରମୁଖ ଶୈବପୀଠ ଗୁଡ଼ିକରେ ବୁଧବାର ଆଧ୍ୟାତ୍ମିକ ପରିବେଶରେ ମହାଶିବରାତ୍ରି ପାଳିତ ହୋଇଯାଇଛି। ମହାଦେବଙ୍କ ନିକଟରେ ଭକ୍ତି ନୈବେଦ୍ୟ ଅର୍ପଣ ସହ ଜାଗର ଦୀପ ଜାଳିଥିଲେ ଭକ୍ତ। ସମସ୍ତ ଶୈବପୀଠ ଶିବମୟ ହୋଇପଡ଼ିଥିବାବେଳେ 'ହର୍ ହର୍ ମହାଦେବ' ଧ୍ୱନିରେ କମ୍ପିଉଠିଥିଲା। ବିଭିନ୍ନ ସ୍ଥାନରେ ଭଜନ ସମାରୋହ, ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଗୁରୁଜଙ୍ଗର ପ୍ରସିଦ୍ଧ ଶୈବପୀଠ ଧବଳେଶ୍ୱରଙ୍କ ମହାଦୀପ ରାତି ୧୧ଟା ୪୫ ଏବଂ ଅତ୍ରିସ୍ଥିତ ଏକାଦଶ ରୁଦ୍ର ହଟ୍ଟକେଶ୍ୱରଙ୍କ ମହାଦୀପ ରାତି ୧୧ଟାରେ ଉଠିଥିଲା। ଶ୍ରୀଧବଳେଶ୍ୱର ହରିହର ବେଶରେ ଦର୍ଶନ ଦେବା ସହ ଭକ୍ତମାନେ ଅର୍ପଣ କରିଥିବା ନୂତନ ବସ୍ତ୍ର ପରିଧାନ କରିଥିଲେ। ଅତ୍ରି ହଟ୍ଟକେଶ୍ୱରଙ୍କ ପୀଠରେ ପୂଜାର୍ଚ୍ଚନା ଓ ମହାଦୀପ ଦର୍ଶନ ଲାଗି ଭକ୍ତଙ୍କ ଭିଡ଼ ହୋଇଥିଲା। ଗୋଡ଼ାସ୍ଥିତ ଲୋକନାଥଙ୍କ ପୀଠରେ ଭୋରରୁ ରାତି ପର୍ଯ୍ୟନ୍ତ ଗହଳି ଲାଗିରହିଥିଲା। ଏହି ୩ ପୀଠରେ ମୋଟ ୫୦ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା।

ସେହିପରି ଖୋର୍ଦ୍ଧା ଉପରସାହିର ବାଲୁଙ୍କେଶ୍ୱର, ସାମନ୍ତରାପୁରର ସିଦ୍ଧେଶ୍ୱର, ନବୀନାବାଗର ସ୍ୱପ୍ନେଶ୍ୱର, ଭାଲିଆବାଡ଼ିର ଲୋକେଶ୍ୱରଦେବ, ଜେମାଦେଈର ବାଲୁଙ୍କେଶ୍ୱର, ମୁକୁନ୍ଦପ୍ରସାଦର ଅସୁରେଶ୍ୱର, ଟିଏଲ୍‌ସିର ତାରକେଶ୍ୱର, ନୂଆଗଡ଼ ରୋଡ୍‌ର ଶ୍ରୀଚନ୍ଦ୍ରଶେଖର, ଗଡଖୋର୍ଦ୍ଧାସ୍ଥିତ ମହାଦେବ, ନିଜିଗଡ଼ ଟାପଙ୍ଗର ବାଲୁଙ୍କେଶ୍ୱର, ଅଣ୍ଡାର ଶାଳେଶ୍ୱର, ଟାଙ୍ଗୀର ଶ୍ରୀଚଣ୍ଡେଶ୍ୱର, ପଶ୍ଚିମାଶସ୍ମ (ପ୍ରତାପେଶ୍ୱର) ବୋଲଗଡ଼ର ଶ୍ରୀତାରକେଶ୍ୱରଙ୍କ ପୀଠରେ ଭକ୍ତମାନେ ପୂଜାର୍ଚ୍ଚନ କରିବା ସହ ଜାଗର ଦୀପ ଜାଳିଥିଲେ। ଭୋର ୪ଟାରୁ ସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ଭକ୍ତମାନେ ଧାଡ଼ିରେ ଆସି ମନ୍ଦିର ଭିତରବେଢ଼ାର ମହାଦେବଙ୍କ ନିକଟରେ ଭକ୍ତି ନୈବେଦ୍ୟ ଅର୍ପଣ କରିଫେରିଥିଲେ।

ଶ୍ରୀଧବଳେଶ୍ୱର ପୀଠରେ ଭୋର ୩ଟାରେ ଦ୍ୱାରଫିଟା, ମଙ୍ଗଳ ଆଳତି ପରେ ୪ଟାରୁ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ମଧ୍ୟାହ୍ନରେ ଶଙ୍ଖୁଡ଼ି ଭୋଗରେ ଠାକୁର କିଛି ସମୟ ପହୁଡ଼ ଯାଇ ପୁଣି ଦର୍ଶନ ଆରମ୍ଭ ହୋଇ ରାତି ସାଢେ ୯ଟା ପର୍ଯ୍ୟନ୍ତ ଚାଲିଥିଲା। ନିର୍ଦ୍ଧାରିତ ରାତି ୧୦ଟାରେ ହରିହର ଭେଟ ଏବଂ ୧୧ଟାରେ ମହାଦୀପ ଉଠିଥିଲା। ସେହିପରି ଅତ୍ରିସ୍ଥିତ ଏକାଦଶ ରୁଦ୍ର ହଟ୍ଟକେଶ୍ୱରଙ୍କ ପୀଠରେ ଭୋର ୩ଟାରେ ଦ୍ୱାରଫିଟା, ମଙ୍ଗଳ ଆଳତି ପରେ ୪ଟାରୁ ଦର୍ଶନ ଆରମ୍ଭ ହୋଇଥିଲା। ୧୨ଟାରେ ଶଙ୍ଖୁଡ଼ି ଭୋଗ ପରେ ଅପରାହ୍ନ ୧ଟାରୁ ୩ଟା ପର୍ଯ୍ୟନ୍ତ ପହୁଡ଼ ପଡ଼ିଥିଲା। ପୁଣି ଅପରାହ୍ନ ୩ଟାରୁ ଦର୍ଶନ ଆରମ୍ଭ ହୋଇ ରାତି ୮ଟା ପର୍ଯ୍ୟନ୍ତ ଚାଲିଥିଲା। ପରେ ମହାଦୀପ ଲାଗି ପ୍ରସ୍ତୁତି ଆରମ୍ଭ ହୋଇଥିଲା। ରାତି ୧୦ଟାରେ ହରିହର ଭେଟ ଏବଂ ୧୧ଟାରେ ମହାଦୀପ ଉଠିଥିଲା। ଉପଜିଲାପାଳ କିଶୋର ପଣ୍ଡା, ସଦର ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନ, ଥାନାଧିକାରୀ ସଞ୍ଜୟ ନାୟକ ଉପସ୍ଥିତ ଥିବାବେଳେ ମନ୍ଦିର ପରିଚାଳନା କମିଟି ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଇନ ଶୃଙ୍ଖଳା ଦୃଷ୍ଟିରୁ ପୋଲିସ ମୁତୟନ ରହିଥିଲେ।



ଧବଳେଶ୍ୱର ମନ୍ଦିର ଚୂଡ଼ାକୁ ମହାଦୀପ ଉଠାଯାଉଛି।



ଖୋର୍ଦ୍ଧା ଧବଳେଶ୍ୱରଙ୍କ ପୀଠରେ ଶ୍ରଦ୍ଧାଳୁମାନେ ଦୀପ ଜାଳୁଛନ୍ତି।

# ଭକ୍ତି, ସମର୍ପଣ ମାର୍ଗ ହେଉଛି ଶ୍ରେଷ୍ଠ ମାର୍ଗ



ଜାଗର ଉତ୍ସବ ଓ ଆଧ୍ୟାତ୍ମିକ ସଭାରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ଖୋର୍ଦ୍ଧା,୨୬।୨(ପ୍ରଭାତ ପାଣିଗ୍ରାହୀ)

ଗୋଡ଼ିପୋଖରୀସ୍ଥିତ ବ୍ରହ୍ମାକୁମାରୀ ସେବା କେନ୍ଦ୍ର ଆନୁକୂଲ୍ୟରେ ବୁଧବାର ଜାଗର ଉତ୍ସବ ଓ ଆଧ୍ୟାତ୍ମିକ ସଭା ଆୟୋଜିତ ହୋଇଯାଇଛି। ଏଥିରେ ବ୍ରହ୍ମାକୁମାରୀ ଅନୁରାଧା ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଏମ୍ସର ପୂର୍ବତନ ନିର୍ଦ୍ଦେଶକ ଡା. ଅଶୋକ ମହାପାତ୍ର ଯୋଗଦେଇ ଜାଗର ମାହାତ୍ମ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଯିଏ ଅନ୍ୟମାନଙ୍କ ପାଇଁ ହଳାହଳ ବିଷପାନକରି ମଧ୍ୟ ସମାଜର ମଙ୍ଗଳ କାମନା କରନ୍ତି, ତାହାଙ୍କୁ ମହାନ୍ କୁହାଯାଏ। ସେ ହେଲେ ଦେବାଦିଦେବ ମହାଦେବ। ଆଜିର ଦିବସ ସନାତନ ସଂସ୍କୃତିରେ ବିଶେଷ ମହତ୍ତ୍ୱ ବହନକରେ। ମହାଶିବରାତ୍ରିରେ ଅନ୍ତର ଦୀପ ପ୍ରଜ୍ୱଳନ କରିବାକୁ ସେ ଆହ୍ୱାନ ଦେଇଥିଲେ। ଭକ୍ତି ଓ ସମର୍ପଣ ହେଉଛି ଶ୍ରେଷ୍ଠ ମାର୍ଗ। ଏକାଗ୍ରତା ଓ ନିଷ୍ଠାର ସହ ଭଗବାନଙ୍କୁ ସ୍ମରଣକଲେ ସକଳ କାର୍ଯ୍ୟ ସଫଳ ହୋଇଥାଏ ବୋଲି ସେ କହିବା ସହ ଅନ୍ୟର ମଙ୍ଗଳ କାମନା କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସେ ଶିବ ଧ୍ୱଜା ଉତ୍ତୋଳନ ସହ ପ୍ରଦୀପ ପ୍ରଜ୍ୱଳନକରି ବିଶ୍ୱ ଶାନ୍ତିର ବାର୍ତ୍ତା ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଭାଜପା ନେତା ନିକୁଞ୍ଜ ପଟ୍ଟନାୟକ, ଶିକ୍ଷାବିତ୍ ଭୀମସେନ ପ୍ରଧାନ, ଖୋର୍ଦ୍ଧା ବ୍ଲକ୍ ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ସାମନ୍ତରାୟ, ସାମାଜିକ କର୍ମୀ କୃଷ୍ଣଚନ୍ଦ୍ର ହରିଚନ୍ଦନ, ଖବରଦାତା ଲୋହିତ ମହାପାତ୍ର ଯୋଗଦେଇଥିଲେ। ଅନୁପମା ଛୋଟରାୟ ପରମାତ୍ମା ଶିବଙ୍କ ଭକ୍ତିସଙ୍ଗୀତ ଗାନ କରିଥିଲେ। ବ୍ରହ୍ମାକୁମାର ଜୟକୃଷ୍ଣ ମଞ୍ଚ, ବ୍ରହ୍ମାକୁମାରୀ ମିନୁ ଓ କଳ୍ପନା ସହଯୋଗ କରିଥିଲେ। ପରେ ଏକ ସୁସଜ୍ଜିତ ରଥରେ ଶିବଙ୍କ କଳସ ଓ ପତାକା ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରିଥିଲା।

# ସମସ୍ତ ଶୈବପୀଠ ଶିବମୟ

ଯାଁଳା,୨୬।୨(ବୁଲା ବାରିକ)

ପବିତ୍ର ମହାଶିବରାତ୍ରି ଅବସରରେ ଭୁବନେଶ୍ୱର ଉପକଣ୍ଠ ଅଞ୍ଚଳର ସମସ୍ତ ଶୈବପୀଠ ଭଜନ କୀର୍ତ୍ତନରେ କମ୍ପି ଉଠିଥିଲା। ଭୋର ପ୍ରାୟ ୩ଟା ବେଳୁ ସମସ୍ତ ମନ୍ଦିରର ପହୁଡ଼ ଖୋଲିବା ପରେ ୪ଟା ୩୦ ମିନିଟ୍ ସୁଦ୍ଧା ଠାକୁରଙ୍କ ସମସ୍ତ ନୀତିକାନ୍ତି ଶେଷ ହୋଇଥିଲା। ଜାଗର ଉପାସକମାନେ ମନ୍ଦିରରେ ମହାଦେବଙ୍କ ଦର୍ଶନ ଲାଭ କରିଥିଲେ। ସନ୍ଧ୍ୟାରେ ଦୀପ ଜାଳି ସମସ୍ତଙ୍କ ମଙ୍ଗଳ କାମନା କରିଥିଲେ। ସ୍ଥାନୀୟ ଅଞ୍ଚଳରେ ପ୍ରାୟ ସବୁ ଶିବ ମନ୍ଦିରରେ ରାତି ୧୦ଟାରୁ ୧୦ଟା ୩୦ ମଧ୍ୟରେ ମହାଦୀପ ଉଠିବା ପରେ ଶ୍ରଦ୍ଧାଳୁ ମହାଦୀପ ଦର୍ଶନ କରିଥିଲେ। ଏହି ଅବସରରେ ବିଭିନ୍ନ ଶୈବ ପୀଠରେ ଭିନ୍ନ ଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ମହାଦୀପ ଉଠିବା ପରେ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦସେବନର ବ୍ୟବସ୍ଥା କରାଯାଇଥିଲା। ସେହିଭଳି ଯାଁଳା ବାଲୁଙ୍କେଶ୍ୱର ମହାଦେବଙ୍କ ପୀଠରେ ୫ ଦିନ ବ୍ୟାପି ଚାଲିଥିବା ବିଶଶାନ୍ତି ମହାଯଜ୍ଞର ଆଜି ମହାଶିବରାତ୍ରିରେ ପୂର୍ଣ୍ଣାହୁତି ଦିଆଯାଇଥିଲା।

# ଜାଗର ଜାଳିଲେ ଶ୍ରଦ୍ଧାଳୁ

ବେଗୁନିଆ,୨୬।୨
(ହରପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ମହାଶିବରାତ୍ରୀ ଜାଗର ଉପଲକ୍ଷେ ବେଗୁନିଆ ବ୍ଲକର ବିଭିନ୍ନ ଶୈବପୀଠ ବୁଧବାର ଚଳଚଞ୍ଚଳ ହୋଇଥିଲା। ଅତ୍ରିର ହଟ୍ଟକେଶ୍ୱର ଦେବ, ବେଗୁନିଆ ବାଲୁଙ୍କେଶ୍ୱର ଦେବ, ଗୋଡ଼ାର ଲୋକନାଥ ଏବଂ ଗଁପୁର ଗ୍ରାମର ସୋମନାଥ ଦେବଙ୍କ ପୀଠ ପରିସରରେ ଶ୍ରଦ୍ଧାଳୁ ଦିନତମାମ ଉପବାସ ରହିବା ସହ ଶିବାଳୟ ଓଁ ନମଃ ଶିବାୟ ମନ୍ତ୍ର ଉଚ୍ଚାରଣରେ କମ୍ପିଥିଲା। ହଜାର ହଜାର ମାନସିକଧାରୀ ମହାଦେବଙ୍କୁ ଦର୍ଶନ କରିଥିଲେ। ଭିଡ଼ ନିୟନ୍ତ୍ରଣ ଓ ସୁରକ୍ଷା ପାଇଁ ବ୍ୟାପକ ପୋଲିସ ବ୍ୟବସ୍ଥା ହୋଇଥିଲା। ବେଗୁନିଆ ବାଲୁଙ୍କେଶ୍ୱର ଦେବଙ୍କ ପୀଠରେ ପାରମ୍ପରିକ ରୀତିନୀତି ଅନୁସାରେ ନିମନ୍ତ୍ରିତ ଅତିଥି ଭାବେ ଦୋଳ ବିମାନରେ ଆସି ଗ୍ରାମର ଆରାଧ୍ୟ ଦେବତା ହରି ଓ ହରଙ୍କ ଯୁଗଳ ମୂର୍ତ୍ତି ଏଠାରେ ପୂଜା ପାଉଛନ୍ତି। କୁଶପଲ୍ଲା ଲୋକେଶର ଦେବ, କୋଲୁହାପାଟଣା ସ୍ୱପ୍ନେଶ୍ୱର ଦେବ, ସୁଆଁଳ ଲୋକେଶ୍ୱର ଦେବ, ବଡ଼ବେରଣା ଜଳେଶ୍ୱର ଦେବ, ଭୋଗଡ଼ା ବାଲୁଙ୍କେଶ୍ୱର ଦେବ, ଲେଖନପୁର ବ୍ରହ୍ମେଶ୍ୱର ଦେବ, କଣ୍ଟାବାଡ଼ ବାଲୁଙ୍କେଶ୍ୱର ଦେବ ଓ ତଣ୍ଡାଳ ବିଶ୍ୱନାଥ ଦେବଙ୍କ ସମେତ ବିଭିନ୍ନ ଶୈବପୀଠରେ ଶ୍ରଦ୍ଧାଳୁ ଭକ୍ତିଭାବ ଜାଗ୍ରତ କରିଥିଲେ। ଆଧ୍ୟାତ୍ମିକ ଚେତନା, ହରିନାମ ସଂକୀର୍ତ୍ତନ ଓ ବିଶ୍ୱଶାନ୍ତି ମହାଯଜ୍ଞ ବିଧିମତେ ପାଳନ କରାଯାଇଥିଲା। ପାଲା, ଦାସକାଠିଆ, ରାମାୟଣ କଥାଚିତ୍ର ନାଟକ ଓ ମୁକ୍ତମଞ୍ଚ ନାଟକ ପରିବେଷଣ ଦର୍ଶକଙ୍କୁ ଆକର୍ଷିତ କରିଥିଲା। ମହାଦୀପ ଉଠିବା ପର୍ଯ୍ୟନ୍ତ ମାନସିକଧାରୀ ଉଜାଗର ରହି ଦୀପ ଜାଳିଥିଲେ।

# ୫ ହଜାର ଲିଟର କ୍ଷୀରରେ ସ୍ନାନକଲେ ଶ୍ରୀକପିଳେଶ୍ୱର ଦେବ

ନିରାକାରପୁର,୨୬।୨(ମାନସଚନ୍ଦ୍ର ପଟ୍ଟନାୟକ)

ମହାଶିବରାତ୍ରୀରେ ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତ ବିଜେ ଡିଆଠାରେ ଥିବା ଶ୍ରୀ କପିଳେଶ୍ୱର ଦେବଙ୍କ ପୀଠରେ ନିରାକାରପୁର ବାଇଶ ଦେଶ ଯାଦବ ସମିତି ମିଳିତ ଆନୁକୂଲ୍ୟରେ କ୍ଷୀର ସାଗର କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବାଇଶ ଦେଶ ଯାଦବ ସ୍ଥାନୀୟ ମଞ୍ଜାରିଆଠାରେ ଥିବା ଦହିଖିଆ ଠାକୁରାଣୀଙ୍କ ପାଖରେ ପହଞ୍ଚି ଏକଜୁଟ ହୋଇ ପୂର୍ବାହ୍ନ ୧୧ଟା ସମୟରେ ଏକ ପଟୁଆରରେ ବଜାର ପରିକ୍ରମା କରି ଶ୍ରୀ କପିଳେଶ୍ୱର ଦେବଙ୍କ ପୀଠରେ ପହଞ୍ଚିଥିଲେ। ପରେ ବାଇଶ ଦେଶରୁ ଆସିଥିବା ୧୦୭ ଗରା ଅର୍ଥାତ ୫ ହଜାର ଲିଟର କ୍ଷୀରକୁ ଶ୍ରୀକପିଳେଶ୍ୱର ଦେବଙ୍କ ମୁଣ୍ଡରେ ଢଳାଯାଇଥିଲା। ଏହି ଦୁର୍ଲ୍ଲଭ ଦୃଶ୍ୟ ଦେଖିବାକୁ ଆଖପାଖ ଅଞ୍ଚଳରୁ ଶହ ଶହ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। କାର୍ଯ୍ୟକ୍ରମରେ ଭାଗୀରଥି ବେହେରା, ଆନନ୍ଦ ଚନ୍ଦ୍ର ବେହେରାଙ୍କ ସମେତ ବାଇଶ ଦେଶ ଯାଦବ ସମିତିର ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ। ସେହିପରି ସନ୍ଧ୍ୟାରେ ଶ୍ରୀକପିଳେଶ୍ୱର ଦେବଙ୍କ ପୀଠରେ ୭ ଦିନ ଧରି ଚାଲୁଥିବା ଯଜ୍ଞର ପୂର୍ଣ୍ଣାହୁତି ହୋଇଥିଲା। ଏହାସହ ସନ୍ଧ୍ୟାରେ ଠାକୁରଙ୍କ ପାଖରେ ମାନସିକଧାରୀ ଦୀପ ଜାଳିବାକୁ ଶହ ଶହ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। କପିଳେଶ୍ୱର ଦେବଙ୍କ ଯଜ୍ଞ କମିଟି ପକ୍ଷରୁ ଶ୍ରଦ୍ଧାଳୁଙ୍କ ପାଇଁ ବ୍ୟାପକ ଆୟୋଜନ କରାଯାଇଥିଲା।



ଶ୍ରୀକପିଳେଶ୍ୱର ଦେବଙ୍କ ସ୍ନାନ ପାଇଁ କ୍ଷୀର ନିଆଯାଉଛି।

# ଉମାମହେଶ୍ୱର ଦେବଙ୍କ ପୀଠରେ ଜାଗରଯାତ୍ରା

ବାଲୁଗାଁ, ୨୬।୨(ସଂଗ୍ରାମ ପାଇକରାୟ)

ବାଲୁଗାଁ ଅଞ୍ଚଳର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ଉମାମହେଶ୍ୱର ଦେବଙ୍କ ପୀଠରେ ବୁଧବାର ଜାଗର ଯାତ୍ରା ଆଧ୍ୟାତ୍ମିକ ପରିବେଶରେ ପାଳିତ ହୋଇଯାଇଛି । ଦିନତମାମ ହଜାର ହଜାର ଶ୍ରଦ୍ଧାଳୁ ଠାକୁରଙ୍କ ଦର୍ଶନ କରିବା ସହ ଜଳ, କ୍ଷୀର, କେତକୀ ଫୁଲ ଓ ଭୋଗ ଲାଗି କରି ପୂଜାର୍ଚ୍ଚନା କରିଥିଲେ। ଚଳିତ ବର୍ଷ ବହୁ ସଂଖ୍ୟକ ଉପସନାକାରୀମାନେ ମନ୍ଦିର ପରିସରରେ ରାତିତମାମ ଉଜାଗର ରହି ଦୀପ ଜାଳିଥିଲେ। ପୂର୍ବ ସମୟ ନିର୍ଘଣ୍ଟ ଅନୁଯାୟୀ ରାତ୍ରି ୧୦ ଘଟିକା ସମୟରେ ଠାକୁରଙ୍କର ବେଢ଼ା ଅନୁଷ୍ଠିତ ହୋଇଥିବା ବେଳେ ମଧ୍ୟରାତ୍ରରେ ମହାଦୀପ ଉଠିବାରୁ ଶ୍ରଦ୍ଧାଳୁମାନେ ଦର୍ଶନ କରି ଶିବ କୃପା ଲାଭ କରିଥିଲେ। ମନ୍ଦିରକୁ ଫୁଲ ଓ ଆଲୋକମାଳାରେ ସୁସଜ୍ଜିତ କରାଯାଇଥିବା ବେଳେ ପ୍ରଦୀପ ପ୍ରଜ୍ୱଳନରେ ସାରା ମନ୍ଦିର ପରିସର ଅଲୋକିତ ହୋଇ ଉଠିଥିଲା। ଏହି ଅବସରରେ ପୀଠରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଛି। ମନ୍ଦିର ଟ୍ରଷ୍ଟ ତରଫରୁ ସୂଚାରୁ ରୂପେ ଶୃଙ୍ଖଳାର ସହ ମହାଶିବରାତ୍ର ତଥା ଜାଗର ଯାତ୍ରା ସମାରୋହରେ ପାଳନ କରାଯାଇଥିଲା ।

ସେହିପରି ସର୍ବପୁରାତନ ଶୈବପୀଠ ଶ୍ରୀରାମେଶ୍ୱର ଦେବ ପୀଠ, ନୀଳକଣ୍ଠେଶ୍ୱର ଦେବ ନିମିକ୍ଷେତା, ଜଗତେଶ୍ୱରଦେବ ସୁବୁଦ୍ଧିପାଟଣା, ଗାଦିଶ୍ୱରଦେବ ବଡ଼କୁଳ, ସିଙ୍ଗିନାଥ ଦେବ ସିଙ୍ଗେଶ୍ୱର, କଳିଯୁଗେଶ୍ୱର ଦେବ ମଠପୁର, ଧବଳେଶ୍ୱର ଦେବ ଧୂଆଁଳ, ବାଣପୁରରେ ଗୁପ୍ତେଶ୍ୱରଦେବ ଗାଲୁଆ, ଭେଟିନାଥ ଦେବ ଭେଟେଶ୍ୱର, ବୁଢ଼ାକପିଳେଶ୍ୱର ଦେବ ଆଦି ବାଲୁଗାଁ ବାଣପୁର ଅଞ୍ଚଳର ପ୍ରମୁଖ ଶୈବପୀଠ ଓ ବାଲୁଗାଁ ମାମୁଁ ଭଣଜା ପାହାଡ଼ସ୍ଥିତ ସାଇବାବା ମନ୍ଦିରେ ମହାସମାରୋହରେ ଜାଗରଯାତ୍ରା ପାଳିତ ହୋଇଯାଇଛି। ଦିନତମାମ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁମାନେ ଠାକୁରଙ୍କ ଦର୍ଶନ କରି ପୂଜାର୍ଚ୍ଚନା କରିଥିବା ବେଳେ ସନ୍ଧ୍ୟାରେ ମନ୍ଦିର ବେଢ଼ାରେ ରାତିତମାମ ଉଜାଗର ରହି ଦୀପ ଜାଳିଥିଲେ। ଶୈବ ପୀଠଗୁଡ଼ିକ ସୁସଜ୍ଜିତ କରାଯାଇଥିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ଭକ୍ତମାନେ ଦୀପ ଜାଳୁଛନ୍ତି ।

# ମାନସିକ ପୂରଣ ପାଇଁ ଜାଳିଲେ ଜାଗର ଦୀପ

### ଶିବ ଭକ୍ତିରେ ବିଭୋର ଶ୍ରଦ୍ଧାଳୁ

ଜଟଣୀ,୨୬।୨(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ବ୍ଲକ ଏବଂ ପୌରାଞ୍ଚଳର ବିଭିନ୍ନ ଶୈବ ପୀଠରେ ମହାଶିବରାତ୍ରି ଏବଂ ଜାଗର ଉତ୍ସବ ପାଳିତ ହୋଇଯାଇଛି। ସବୁଠି ଆଧ୍ୟାତ୍ମିକ ପରିବେଶ ଦେଖିବାକୁ ମିଳିଥିଲା। ଶିବମୟ ହୋଇଉଠିଥିଲା ସମଗ୍ର ପରିବେଶ। ବୁଧବାର ସକାଳୁ ସମସ୍ତ ନୀତିକାନ୍ତିରେ ଦେବାଳୟର ପହୁଡ଼ ଫିଟିଥିଲା। ଶ୍ରଦ୍ଧାଳୁମାନେ ସକାଳୁ ବିଭିନ୍ନ ଶୈବ ମନ୍ଦିରରେ ଏକତ୍ରିତ ହୋଇଥିବା ଦେଖିବାକୁ ମିଳିଥିଲା। ଜଟଣୀ ବ୍ଲକ ଅନ୍ତର୍ଗତ ବୁଢ଼ାପଡ଼ାସ୍ଥ ବାବା ସୋମନାଥ ଏବଂ ପୌରାଞ୍ଚଳ ଅନ୍ତର୍ଗତ ରାମଚନ୍ଦ୍ରପୁର ବଜାରସ୍ଥ ବାବା ଆଖଣ୍ଡଳମଣୀଙ୍କ ମନ୍ଦିରରେ ହରିହର ଭେଟ ପରେ ମହାଦୀପ ଉଠିଥିଲା। ମହାଦୀପ ଉଠୁଥିବା ବେଳେ ସମଗ୍ର ପରିବେଶ ଓଁ ନମଃ ଶିବାୟ, ହରିବୋଲ ହୁଳହୁଳିରେ ପ୍ରକମ୍ପିତ ହୋଇଥିଲା।

ହାଟବଜାରର ଶ୍ରୀଶ୍ରୀ ନୀଳକଣ୍ଠେଶ୍ୱର ଦେବଙ୍କ ମନ୍ଦିର, ବାଛର ଗ୍ରାମର ଶ୍ରୀଶ୍ରୀ ବାଲୁଙ୍କେଶ୍ୱର ଦେବଙ୍କ ମନ୍ଦିର, ଟ୍ରାଫିକ କଲୋନୀସ୍ଥ ବାବା ବାଲୁଙ୍କେଶ୍ୱର ଦେବ, ବିଶ୍ୱନାଥ କଲୋନୀସ୍ଥ ବାବା ବିଶ୍ୱନାଥ ଦେବ, ବରକୁଦା ଗ୍ରାମସ୍ଥ ଗଙ୍ଗମଣି ଦେବ, ମୁଣ୍ଡଳ ଗ୍ରାମସ୍ଥ ମଣିକର୍ଣ୍ଣେକେଶ୍ୱର ଦେବ, ଜାମୁକୋଳି ଗ୍ରାମସ୍ଥ ତ୍ରିନାଥ ମନ୍ଦିର, ଜଟଣୀ ପାତ୍ରପଡ଼ାସ୍ଥ ନାଗେଶ୍ୱର ମନ୍ଦିର, ରାମଚନ୍ଦ୍ରପୁର ବଡ଼ନୁଆଗାଁସ୍ଥ ନୀଳକଣ୍ଠଶ୍ୱେର ଦେବଙ୍କ ମନ୍ଦିର, ଲୋକକଲୋନୀ, ରେଡଙ୍ଗ କଲୋନୀ, ଖୁଦୁପୁର, ବାଲିଛକ ସାହି, ବଡତୋଟା ବେଲପଡା, ନିରଞ୍ଜନପୁର, ରଥିପୁର, ଛଣଘର କୁଶମାଟି ଆଦି ଶିବ ମନ୍ଦିରରେ ଶିବରାତ୍ରି ରୀତିନୀତିରେ ଅନୁଷ୍ଠିତ ହୋଇଥିଲା। ଜନଗହଳିକୁ ଦୃଷ୍ଟିରେ ରଖି ମନ୍ଦିର କମିଟି ଓ ଜଟଣୀ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ରାତିରେ ହରିହର ଭେଟ ପରେ ୧୦ଟାରେ ମହାଦୀପ ଉଠିଥିଲା। ଶେଷରେ ମହାଦେବଙ୍କ ଯୋଗୀବେଶ ଦର୍ଶନ ପରେ ଶ୍ରଦ୍ଧାଳୁ ପ୍ରସାଦ ସେବନ କରିଥିଲେ।



ମନ୍ଦିର ପରିସରରେ ଶ୍ରଦ୍ଧାଳୁମାନେ ଦୀପ ଜାଳୁଛନ୍ତି।


ବୁଧବାର ମହାଶିବରାତ୍ରି ଅବସରରେ କଟକ ଚାନ୍ଦିନୀଚୌକ ଅଷ୍ଟଶମ୍ଭୁ ମନ୍ଦିର ପରିସରରେ ପ୍ରଜ୍ୱଳିତ ବିଶାଳ ଦୀପରେ ଶ୍ରଦ୍ଧାଳୁମାନେ ଘିଅ ଢାଳୁଛନ୍ତି।


ଯୋବ୍ରା ପାରେଶ୍ୱରସାହିସ୍ଥିତ ଶିବମନ୍ଦିରରେ ସ୍ୱତନ୍ତ୍ର ବେଶରେ ପୂଜା ପାଉଥିବା ଶିବଲିଙ୍ଗ।


କଟକ ସତୀଚୌରା ଛକସ୍ଥିତ ବାବା କଟକେଶ୍ୱର ମହାଦେବଙ୍କ ମହାକାଳେଶ୍ୱର ବେଶ।

# ଉପବାସ ରହି ଜାଗର ଜାଳିଲେ

କଟକ,୨୬।୨(ଶିଳ୍ପା ପ୍ରିୟଦର୍ଶିନୀ/ କାର୍ତ୍ତିକ ସାହୁ)

ମହାଶିବରାତ୍ରି ପାଇଁ ବୁଧବାର କଟକ ସହରର ସମସ୍ତ ଶୈବପୀଠ ଚଳଚଞ୍ଚଳ ହୋଇପଡିଥିଲା। ଫୁଲ ଓ ରଙ୍ଗିନ ଆଲୋକମାଳାରେ ଶିବ ମନ୍ଦିର ଝଲସୁଥିଲା। ଭକ୍ତିମୟ ପରିବେଶରେ ଶ୍ରଦ୍ଧାଳୁମାନେ ଲମ୍ବାଧାଡିରେ ଯାଇ ଠାକୁରଙ୍କୁ ଦର୍ଶନ କରିଥିଲେ। ବିଶେଷକରି ସହରରେ ଥିବା ଗଡ଼ଗଡ଼େଶ୍ୱର ମନ୍ଦିର, ଚହଟେଶ୍ୱର ମନ୍ଦିର, ଅଷ୍ଟଶମ୍ଭୁ ମନ୍ଦିର, ବେଲେଶ୍ୱର ମନ୍ଦିର, ଅମରେଶ୍ୱର ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ବୁଧବାର ଭୋର ସମୟରେ ମନ୍ଦିରରେ ଦ୍ୱାର ଫିଟା ଯାଇ ଠାକୁରଙ୍କ ମଙ୍ଗଳ ଆଳତି, ସୂର୍ଯ୍ୟପୂଜା ସମେତ ବିଭିନ୍ନ ନୀତି କରାଯାଇଥିଲା। ସେହିପରି ମଧ୍ୟାହ୍ନରେ ମଧ୍ୟାହ୍ନ ଭୋଗ, ସନ୍ଧ୍ୟାରେ ଆଳତି, ରାତିରେ ରୁଦ୍ରାଭିଷେକ ଓ ହରିହର ଭେଟ ପରେ ବିଭିନ୍ନ ମନ୍ଦିର ପରିଚାଳନା କମିଟି ପକ୍ଷରୁ ପୂର୍ବ ନିର୍ଦ୍ଧାରିତ ସମୟ ଅନୁଯାୟୀ ମହାଦୀପ ଉତ୍ସର୍ଗ କରାଯାଇଥିଲା। ଶ୍ରଦ୍ଧାଳୁମାନେ ଉପବାସ ରହି ଜାଗର ଜାଳିଥିଲେ। ସେମାନଙ୍କ ପାଇଁ ମନ୍ଦିର ପରିସରରେ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ମହାଶିବରାତ୍ରି ଉପଲକ୍ଷେ କଟକ ଚାନ୍ଦିନୀଚୌକସ୍ଥିତ ଅଷ୍ଟଶମ୍ଭୁ ମନ୍ଦିରରେ ଏକ ବୃହତ ଦୀପ ଜଳିଥିଲା। ସେଥିରେ ଦୁଇ କୁଇଣ୍ଟାଲର ଘିଅ ଭର୍ତ୍ତି କରାଯାଇଥିଲା।


କଟକ ବକ୍ସିବଜାରସ୍ଥିତ ଅମରେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଶ୍ରଦ୍ଧାଳୁମାନେ ଦୀପ ଜାଳୁଛନ୍ତି।

ବିଭିନ୍ନ ଶୈବପୀଠରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

କଟକ ଜିଲା ଟାଙ୍ଗୀ ଅଞ୍ଚଳର କୋଟେଶ୍ୱର ମହାଦେବଙ୍କ ପୀଠରେ ମହାଶିବରାତ୍ରି ପାଳିତ ହୋଇଯାଇଛି। ଏହି ଅବସରରେ ମନ୍ଦିର ପରିସର ଫୁଲ ଓ ଆଲୋକମାଳାରେ ସୁସଜ୍ଜିତ ହୋଇଥିଲା। ପ୍ରତ୍ୟୁଷରେ ମହାପ୍ରଭୁଙ୍କ ଜଳଛାୟା ସ୍ନାନ ଓ ଅବକାଶ, ପ୍ରଥମ ପ୍ରହରରେ ଦୁଗ୍ଧ ସ୍ନାନ ପୂଜା, ଆରତି, ଅଭିଷେକ, ଦର୍ଶନ, ଦ୍ୱିତୀୟ ପ୍ରହରରେ ପୂଜା ଓ ଧୂପ, ତୃତୀୟ ପ୍ରହରରେ ଘୃତସ୍ନାନ, ସଂକୀର୍ତ୍ତନ ସମେତ ପର୍ଯ୍ୟାୟକ୍ରମେ ସମସ୍ତ ନୀତିକାନ୍ତି ସମ୍ପନ୍ନ ହୋଇଥିଲା। ଠାକୁରଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଉପବାସ ବ୍ରତଧାରୀ ମନ୍ଦିର ବେଢ଼ାରେ ଜାଗର ଜାଳିଥିଲେ। ହରିହର ଭେଟ ନୀତି ପରେ ମହାଦୀପ ଉଠିଥିଲା। କୋଟେଶ୍ୱର କଲ୍ୟାଣ ସମିତିର ମୁଖ୍ୟ ପୃଷ୍ଠପୋଷକ ତଥା ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ସଭାପତି ଶିଳ୍ପୋଦ୍ୟୋଗୀ ପ୍ରଦୀପ୍ତ ଚନ୍ଦ୍ର ରଥ, ସମ୍ପାଦକ ଶୁଭେନ୍ଦ୍ର ନାଥ ଷଡ଼ଙ୍ଗୀ, ଶିବ ପ୍ରସାଦ ରଥ, ଗିରିଜା ଶଙ୍କର ମିଶ୍ର, ଲିଙ୍ଗରାଜ ସାହୁ, ବାବାଜୀ ମହାନ୍ତି, ପ୍ରଦୀପ କୁମାର ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

# ଧବଳେଶ୍ୱରଙ୍କୁ ଦର୍ଶନ କଲେ ଶ୍ରଦ୍ଧାଳୁ

ଖୁଣ୍ଟୁଣୀ,୨୬।୨ (ସଚ୍ଚିଦାନନ୍ଦ ପଣ୍ଡା)

ମହାଶିବରାତ୍ରି ଅବସରରେ କଟକ ଜିଲା ଆଠଗଡ଼ର ପ୍ରସିଦ୍ଧ ଧବଳେଶ୍ୱରଙ୍କ ପୀଠରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଛି। ଭୋର ସାଢେ ୪ଟାରେ ମନ୍ଦିର ଦ୍ୱାର ଫିଟାଯାଇ ଠାକୁରଙ୍କ ସ୍ନାନ ଓ ବିଭିନ୍ନ ନୀତି କରାଯାଇଥିଲା। ବିଭିନ୍ନ ପୁଷ୍ପରେ ଠାକୁରଙ୍କ ସ୍ୱତନ୍ତ୍ର ବେଶ ଓ ସକାଳ ଧୂପରେ ଖେଚୁଡ଼ି ଭୋଗ ଲାଗି ହୋଇଥିଲା। ମଧ୍ୟାହ୍ନରେ ଭୋଗ, ସନ୍ଧ୍ୟାରେ ଆଳତି, ଦହି ବାଟୁଳା ଭୋଗ ଲାଗି କରାଯାଇଥିଲା। ସନ୍ଧ୍ୟା ୭ଟାରୁ ଜାଗରର ସ୍ୱତନ୍ତ୍ର ଚାରି ପ୍ରହର ପୂଜା ଆରମ୍ଭ ହୋଇଥିଲା। ପ୍ରତି ପ୍ରହର ପୂଜାରେ ଧବଳେଶ୍ୱରଙ୍କୁ କ୍ଷୀର, ଘିଅ, ମହୁ, ୧୦୮ପଇଡ଼ ଜଳ, ଲହୁଣି, ଆଖୁରସ ଓ ଗଙ୍ଗା ଜଳରେ ଅଭିଷେକ କରାଯାଇଥିଲା। ମଧ୍ୟରାତ୍ରିରେ ମାଣ୍ଡୁଅ ଭୋଗ ଠାକୁରଙ୍କ ନିକଟରେ ସେବକମାନେ ଲାଗି କରିଥିଲେ। ପରେ ହରିହର ଭେଟ ନୀତି ଅନୁଷ୍ଠିତ ହୋଇଥିଲା। ସେବକମାନେ ରାତି ୧ଟାରେ ବିମାନରେ ପ୍ରଭୁଙ୍କ ଚଳନ୍ତି ପ୍ରତିମା ଚନ୍ଦ୍ରଶେଖର ଓ ମା' ପାର୍ବତୀଙ୍କୁ ବିଜେ କରାଇ ମହାଦୀପ ସହ ତିନି ଘେରା ବେଢା ପରିକ୍ରମା କରିବା ପରେ ସାଢେ ୧ଟାରେ ମହାଦୀପ ମନ୍ଦିର ଶିଖରକୁ ଉଠିଥିଲା ବୋଲି ପୂଜକ ସମାଜ ପକ୍ଷରୁ ବିଷ୍ଣୁଚରଣ ପତ୍ରି କହିଛନ୍ତି। ଦେବୋତ୍ତର ବିଭାଗ ସୁପରଭାଇଜର ଭବାନୀ ଶଙ୍କର ପଣ୍ଡା, ପୂଜକ ସମିତି ସଭାପତି ବିଷ୍ଣୁଚରଣ ପତ୍ରି, ସମ୍ପାଦକ ନରେନ୍ଦ୍ର ପଣ୍ଡାଙ୍କ ସହ ସେବକମାନେ ଜାଗର ନୀତି ସମ୍ପନ୍ନ କରିଥିଲେ। ପୀଠରେ ଆଠଗଡ଼ ଉପଜିଲାପାଳ ତଥା ଦେବୋତ୍ତର ମୁଖ୍ୟ ପ୍ରହଲ୍ଲାଦ ନାରାୟଣ ଶର୍ମା ଉପସ୍ଥିତ ରହି ସମସ୍ତ ବ୍ୟବସ୍ଥା ତଦାରଖ କରିଥିଲେ। ମାଜିଷ୍ଟ୍ରେଟ୍ ଭାବେ ଅତିରିକ୍ତ ତହସିଲଦାର ସୌମେନ୍ଦ୍ର ଭଞ୍ଜ ଓ କାଜଲ ମଲ୍ଲିକ ଉପସ୍ଥିତ ଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ କଟକ ଗ୍ରାମାଞ୍ଚଳ ଏସ୍‌ପି ପ୍ରତୀକ୍ ସିଂ, ଅତିରିକ୍ତ ଏସ୍‌ପି ପ୍ରଦୀପ ସାହୁ ଓ ଏସ୍. ଏନ୍. ମୁଦୁଲି, ଏସ୍‌ଡିପିଓ ଉମାକାନ୍ତ ନାୟକ, ଗୁରୁଡିଝାଟିଆ ଆଇଆଇସି ପରେଶ କୁମାର ମହାନ୍ତି, ଧବଳେଶ୍ୱର ଫାଣ୍ଡି ଅଧିକାରୀ ଗିରିଶ ମହାନ୍ତିଙ୍କ ସମେତ ପୋଲିସ ଅଧିକାରୀ ଓ ୮ ପ୍ଲାଟୁନ୍ ଫୋର୍ସ ପୀଠରେ ସଜାଗ ରହିଥିଲେ।


ମହାକାଳେଶ୍ୱର ବେଶରେ ବାବା ଧବଳେଶ୍ୱର।


ବରଫରେ ତିଆରି ଶିବଲିଙ୍ଗଙ୍କୁ ପୂଜାର୍ଚ୍ଚନା କରାଯାଉଛି।

## ବରଫରେ ଶିବଲିଙ୍ଗ

**କଟକ,୨୬।୨(ଶିଳ୍ପା ପ୍ରିୟଦର୍ଶିନୀ):** ମହାଶିବରାତ୍ରି ଅବସରରେ ବୁଧବାର କଟକ ଗଙ୍ଗାମନ୍ଦିର ଅଞ୍ଚଳରେ ବରଫରେ ଶିବଲିଙ୍ଗ ତିଆରି କରାଯାଇଛି। ୩ କେଜି ଓଜନର ବରଫରେ ତିଆରି ଶିବଲିଙ୍ଗର ଉଚ୍ଚତା ୧ ଫୁଟ ରହିଛି। ଏହାକୁ ତିଆରି କରିବା ପାଇଁ ସଂଘମିତ୍ରା ବେହେରା, ସୁପ୍ରିୟା ନାଥ, ତନିସ୍କା ଶର୍ମା, ଖୁସ୍‌ବୁ ଶର୍ମା, ଅଂଶୁ କୁମାରୀ ମହାତୋ, ଜିଜ୍ଞାସୁ ବେହେରା, ଅଂଶିତା ସିଂହ, ଲିପିକା ଜେନାଙ୍କୁ ୨ ଘଣ୍ଟା ସମୟ ଲାଗିଥିଲା।

# ଶିବ ପଞ୍ଚାକ୍ଷର ମନ୍ତ୍ରରେ ଶୈବପୀଠ ପ୍ରକମ୍ପିତ

ଖୁଣ୍ଟୁଣୀ,୨୬।୨(ସଚ୍ଚିଦାନନ୍ଦ ପଣ୍ଡା)

ଆଠଗଡ଼ର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ବାବା ସର୍ପେଶ୍ୱର ମନ୍ଦିରରେ ମହାଶିବରାତ୍ରି ପାଳିତ ହୋଇଯାଇଛି। ଏହି ଅବସରରେ ଠାକୁରଙ୍କ ବିଭିନ୍ନ ନୀତିକାନ୍ତି ପରେ ଶ୍ରଦ୍ଧାଳୁମାନେ ଦର୍ଶନ କରିଥିଲେ। ୨୮ କିଲୋ ଚାନ୍ଦି ମୁକୁଟରେ ଠାକୁରଙ୍କୁ ରାଜାଧିରାଜ ବେଶରେ ସଜ୍ଜିତ କରାଯାଇଥିଲା। ରାତି ୧୧ଟାରେ ମହାଦୀପ ଉଠିଥିବା ଉନ୍ନୟନ ପରିଷଦ ସଭାପତି ପ୍ରଫୁଲ୍ଲ କୁମାର ରାଉତ କହିଛନ୍ତି।

**କଟକ ସଦର,(ସୁଶାନ୍ତ କୁମାର ଜେନା):** କଟକ ସଦର ବ୍ଲକ ଅଞ୍ଚଳର ବିଭିନ୍ନ ଶୈବପୀଠରେ ମହାଶିବରାତ୍ରି ପାଳନ କରାଯାଇଛି। ୪୨ ମୌଜା ଅନ୍ତର୍ଗତ ଭୀମେଶ୍ୱର ମନ୍ଦିର, ରଣେଷଣ୍ଡେ ଶିବ ମନ୍ଦିର, ସ୍ୱପ୍ନେଶ୍ୱର, ବଉଳକୁଦର କାଶୀ ବିଶ୍ୱନାଥ ମନ୍ଦିର, ବନ୍ତୁଣିଆର ବନ୍ତେଶ୍ୱର, ଦେଉଳିର ବାଲୁଙ୍କେଶ୍ୱର, କଳପଡ଼ାର କଦମ୍ବେଶ୍ୱର, ବରାଳର ନୀଳକଣ୍ଠନାଥ ମନ୍ଦିର, ଦାମୋଦରପୁରସ୍ଥିତ ନାଗେଶ୍ୱରନାଥ ପୀଠ କଟକ ସଦର ବ୍ଲକ ଅଞ୍ଚଳର ପରମହଂସନାଥ ଦେବଙ୍କ ମନ୍ଦିରରେ ହରିହର ଭେଟ ନୀତି ପରେ ମହାଦୀପ ଉତ୍ସର୍ଗ କରାଯାଇଥିଲା। ମନ୍ଦିର ପରିସରରେ ଶ୍ରଦ୍ଧାଳୁମାନେ ଜାଗର ଦୀପ ଜାଳିଥିଲେ।

**ଚୌଦ୍ୱାର,(ଆଶୁତୋଷ ଦାସ):** ଚୌଦ୍ୱାର ସହର ଓ ଏହାର ଆଖପାଖ ଅଞ୍ଚଳରେ ଜାଗରଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଚୌଦ୍ୱାର ଅଞ୍ଚଳର ଅଷ୍ଟଶମ୍ଭୁ କୁହାଯାଉଥିବା କପାଳେଶ୍ୱର, ଚାଟେଶ୍ୱର, ବଟେଶ୍ୱର, ଝୋଟେଶ୍ୱର, କେଦାରେଶ୍ୱର, ଉତ୍ତରେଶ୍ୱର, ବାଲୁଙ୍କେଶ୍ୱର ଓ ମଣିନାଗେଶ୍ୱର ମନ୍ଦିରରେ ଠାକୁର ଦର୍ଶନ କରିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା। ଶିବ ପଞ୍ଚାକ୍ଷର ମନ୍ତ୍ରରେ ଶୈବପୀଠ ପ୍ରକମ୍ପିତ ହୋଇଥିଲା। ସନ୍ଧ୍ୟାରେ ଅଧିକାଂଶ ଶୈବପୀଠରେ ନାମ ସଂକୀର୍ତ୍ତନ, ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା।


ଚାନ୍ଦି ମୁକୁଟରେ ସର୍ପେଶ୍ୱର ମହାଦେବ।

**କଣ୍ଟାପଡ଼ା, (ସୁରନାରାୟଣ ସାହୁ):** ମହାଶିବରାତ୍ରି ଅବସରରେ କଣ୍ଟାପଡ଼ା ବ୍ଲକ ଅଞ୍ଚଳର ସମିଆ ମହଦେବ ପୀଠ, ବାଗଲପୁରର ଦକ୍ଷିଣେଶ୍ୱର ମନ୍ଦିର, ଗୋବିନ୍ଦପୁରର ଲବଲାଟେଶ୍ୱର ମନ୍ଦିର, ଓଲଟପୁରର ଗୁମ୍ଫଗାଦି ପୀଠ ଶିବମନ୍ଦିର, ଅଡ଼ଶପୁରର ସ୍ୱପ୍ନେଶ୍ୱର, ବରାହୀପୁରର ବରାହୀଶ୍ୱର, ନାହାଳପୁରର ବିଘ୍ନେଶ୍ୱର, ଗୁଣାଦୋଳ ଗ୍ରାମର ତ୍ରୈଲୋକ୍ୟନାଥ, ନୂଆଗାଁ ଗ୍ରାମର ବନ୍ତନାଥ ମନ୍ଦିରରେ ଶ୍ରଦ୍ଧାଳୁମାନେ ଠାକୁର ଦର୍ଶନ କରିଥିଲେ। ଏଥିସହ ସନ୍ଧ୍ୟାରେ ବିଭିନ୍ନ ଶିବମନ୍ଦିରରେ ଶ୍ରଦ୍ଧାଳୁ ଜାଗର ଦୀପ ଜାଳିଥିଲେ।

**ସାଲେପୁର,(ଅରବିନ୍ଦ ଭୂୟାଁ):** ମହାଶିବରାତ୍ରି ଅବସରରେ ସାଲେପୁର ଅଞ୍ଚଳରେ ସମସ୍ତ ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ସାହେଶ୍ୱରୀ ମନ୍ଦିର ପରିସରରେ ଥିବା ଚନ୍ଦ୍ରଶେଖର, କଳାଗ୍ନୀ ମହାଦେବ, ସିଦ୍ଧେଶ୍ୱର ମହାଦେବ, ଚାଟେଶ୍ୱର ମହାଦେବ, ବିଶେଶ୍ୱର ମହାଦେବ, ଧବଳେଶ୍ୱର ମହାଦେବ ମନ୍ଦିରରେ ଭକ୍ତମାନେ ପୂଜାର୍ଚ୍ଚନା କରିଥିଲେ। ସନ୍ଧ୍ୟାରେ ମନ୍ଦିର ପରିସରରେ ଜାଗର ଜାଳିଥିଲେ।


କଟକ ସଦର ବ୍ଲକ ଅଞ୍ଚଳର ପରମହଂସନାଥ ମନ୍ଦିରରେ ଠାକୁରଙ୍କୁ ପୂଜାର୍ଚ୍ଚନା କରାଯାଉଛି। (ଫଟୋ–ରାଜକିଶୋର ମହାନ୍ତି)



ମହାଶିବରାତ୍ରି ଅବସରରେ କଟକ ସାଆନ୍ତସାହି ଫ୍ରେଣ୍ଡସ୍ କ୍ଲବ ପକ୍ଷରୁ ଅନୁଷ୍ଠିତ ଅଖଣ୍ଡ ଭଜନ ସମାରୋହରେ କଣ୍ଠଶିଳ୍ପୀ କୁମାର ବାପି ଭଜନ ପରିବେଷଣ କରୁଛନ୍ତି।

# ଜମୁଛି ସୁଭଦ୍ରା ଶକ୍ତିମେଳା

## ବେପାର ୧.୬୪ କୋଟି ଟପିଲା



ମେଳାର ସାଂସ୍କୃତିକ ସନ୍ଧ୍ୟାରେ ପରିବେଷିତ ଗୋଟିପୁଅ ନୃତ୍ୟ।

ଭୁବନେଶ୍ୱର,୨୬।୨(ସୁଚିସ୍ମିତା ସାହୁ)

ରାଜ୍ୟ ସରକାରଙ୍କ ମିଶନ ଶକ୍ତି ବିଭାଗ ପକ୍ଷରୁ ଭୁବନେଶ୍ୱର ଜନତା ମଇଦାନରେ ଚାଲିଥିବା ପ୍ରଥମ 'ସୁଭଦ୍ରା ଶକ୍ତିମେଳା'ରେ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ଓ ଉତ୍ପାଦକ ଗୋଷ୍ଠୀ (ପିଜି) ମହିଳାଙ୍କ ଦକ୍ଷତା, ପ୍ରତିଭା ଓ ସୃଜନଶୀଳତା ପରିପ୍ରକାଶର ବଡ଼ ପ୍ଲାଟ୍‌ଫର୍ମ ପାଲଟିଛି। ବିଶେଷକରି ଗ୍ରାମୀଣ ଅଞ୍ଚଳର ଶିକ୍ଷିତ, ଅର୍ଦ୍ଧଶିକ୍ଷିତ, ଜନଜାତି ମହିଳା ଉଦ୍ୟୋଗୀଙ୍କ ପାଇଁ ବଡ଼ ସୁଯୋଗ ସୃଷ୍ଟି କରିଛି। ସରକାରଙ୍କ ଆର୍ଥିକ ସହାୟତା ସାଙ୍ଗକୁ ଏଭଳି ବଜାର ସୃଷ୍ଟି ସେମାନଙ୍କୁ ଉଦ୍ୟୋଗୀ ହେବାକୁ ପ୍ରୋତ୍ସାହିତ କରୁଛି। ମେଳାରେ ୩୦୦ ଷ୍ଟଲ୍ ଖୋଲିଥିବାବେଳେ ୭୦୦ରୁ ଅଧିକ ଏସ୍‌ଏଚ୍‌ଜି ଉଦ୍ୟୋଗୀ ମା' ବିଭିନ୍ନ ହସ୍ତଶିଳ୍ପ ଓ ହସ୍ତତନ୍ତ ସାମଗ୍ରୀ ସହିତ ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟ, ଜୈବିକ ଓ ଘରୋଇ ଉତ୍ପାଦ ପ୍ରଦର୍ଶନ ସହ ବିକ୍ରି କରୁଛନ୍ତି। ସେହିଭଳି ଡୋକ୍ରା, ସବାଇ ଘାସ ଉତ୍ପାଦ ଏବଂ କୋଟପାଡ଼ ହସ୍ତତନ୍ତ ଭଳି ପାରମ୍ପରିକ ଉତ୍ପାଦ ସମେତ ଆରିସା, ମଣ୍ଡା ଭଳି ପାରମ୍ପରିକ ପିଠାପଣା ଓ ହାତରନ୍ଧା ସ୍ୱାଦିଷ୍ଟ ବ୍ୟଞ୍ଜନ ଲୋକଙ୍କ ମନ ଜିଣୁଛି। ସେହିଭଳି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପରିଚାଳିତ ଫୁଡ୍‌କୋର୍ଟରେ ମଧ୍ୟ ଗହଳି ପରଲକ୍ଷିତ ହେଉଛି। ସେଠାରେ ମିଲେଟ୍ ଆଧାରିତ ବ୍ୟଞ୍ଜନ, ଜୈବିକ ଉତ୍ପାଦ ଏବଂ ପାରମ୍ପରିକ ଓଡ଼ିଆ ଖାଦ୍ୟର ଚାହିଦା ଅଧିକ ରହିଛି। ଦିନକୁ ଦିନ ମେଳାରେ ଭିଡ଼ ବଢ଼ିବା ସହ ବେପାର ଜମୁଛି। ବୁଧବାର ଏହି ମେଳା ପଞ୍ଚମ ଦିନରେ ପହଞ୍ଚିଥିବାବେଳେ କାରବାର ୧.୬୪ କୋଟି ଟଙ୍କା ଟପିଥିବା ସୂଚନା ଦିଆଯାଇଛି।

ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଲୋକଙ୍କୁ ମନୋରଞ୍ଜନ ଦେଉଛି। ବୁଧବାର ମହାଶିବରାତ୍ରି ଥିବାରୁ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭଜନକୁ ଗୁରୁତ୍ୱ ଦିଆଯାଇଥିଲା। କଣ୍ଠଶିଳ୍ପୀ ବର୍ଣ୍ଣାଳୀ ହୋତାଙ୍କ ଚମତ୍କାର ସଙ୍ଗୀତ ପରିବେଷଣରେ ଦର୍ଶକ ବିମୋହିତ ହୋଇଥିଲେ। ସେହିପରି ଗୁରୁ ଗଙ୍ଗାଧର ଗୋଟିପୁଅ ଗୁରୁକୁଳ ଦ୍ୱାରା ପରିବେଷିତ ମନମୋହକ ଗୋଟିପୁଅ ନୃତ୍ୟ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଏହି ମେଳା ମାର୍ଚ୍ଚ ୨ ପର୍ଯ୍ୟନ୍ତ ଚାଲିବ।

## ଉତ୍ସାହିତକଲେ ପୂର୍ବତନ କେନ୍ଦ୍ରମନ୍ତ୍ରୀ


ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଷ୍ଟଲ୍ ବୁଲିବା ସହ ମହିଳା ଉଦ୍ୟୋଗୀଙ୍କ ସହ କଥା ହେଉଛନ୍ତି।

ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ବୁଧବାର ସୁଭଦ୍ରା ଶକ୍ତିମେଳା ବୁଲିଥିଲେ। ଏହି ସମୟରେ ସେ ଏସ୍‌ଏଚ୍‌ଜି ମହିଳା ଉଦ୍ୟୋଗୀଙ୍କ ସହ କଥା ହୋଇଥିଲେ। ବିଭିନ୍ନ ଷ୍ଟଲ୍ ବୁଲିବା ସମୟରେ ପ୍ରଦର୍ଶିତ ତଥା ଆକର୍ଷଣୀୟ ସାମଗ୍ରୀର ତିଆରି, ଖର୍ଚ୍ଚ ଓ ବେପାର ସମ୍ପର୍କରେ ମହିଳାଙ୍କଠାରୁ ପଚାରି ବୁଝିଥିଲେ। ସେମାନଙ୍କ ଉଦ୍ୟମୀ ମନୋଭାବକୁ ପ୍ରଶଂସା କରିବା ସହ ଉତ୍ସାହିତ ଥିଲେ। ଓଡିଶାର ସ୍ଥାନୀୟ ଶିଳ୍ପୀ ଓ ମହିଳା-ନେତୃତ୍ୱାଧୀନ ଉଦ୍ୟୋଗକୁ ସମର୍ଥନ ଦେବାରେ ସରକାର ପ୍ରତିବଦ୍ଧ ବୋଲି ସେ କହିଥିଲେ।

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଶାଶ୍ୱତ


@ ରଞ୍ଜିତା


@ ତପନ


@ ରିଙ୍କୁ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପର୍ଯ୍ୟଟନସ୍ଥଳ ଭ୍ରମଣରେ ବିଦେଶୀ ଟୁର୍ ଅପରେଟର


ପର୍ଯ୍ୟଟନ ସ୍ଥଳ ଭ୍ରମଣ କରୁଥିବା ବିଦେଶୀ ଟୁର୍ ଅପରେଟରମାନେ।

ଭୁବନେଶ୍ୱର,୨୬।୨ (ଅଭୟ ଦାଶ)

ଓଡ଼ିଶାରେ ଥିବା ପର୍ଯ୍ୟଟନସ୍ଥଳ ସମ୍ପର୍କରେ ଅବଗତ ହେବା ସହ ବିଦେଶୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ବିଦେଶୀ ଟୁର୍ ଅପରେଟର (ଏଫ୍‌ଟିଓ)ମାନଙ୍କୁ ନେଇ ଏକ ବିଶେଷ ଟୁର୍ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଏବଂ ଫେଡେରେଶନ ଅଫ୍ ଇଣ୍ଡିଆନ୍ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଫିକି)ର ମିଳିତ ସହଯୋଗରେ ଆୟୋଜିତ ୬ଷ୍ଠ ଓଡ଼ିଶା ଟ୍ରାଭେଲ ବଜାର-୨୦୨୫ ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏହି ୪ ଦିନିଆ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଭିନ୍ନ ଦେଶରୁ ଭାଗନେଇଥିବା ଏଫ୍‌ଟିଓମାନଙ୍କ ପାଇଁ ଏହି ସ୍ୱତନ୍ତ୍ର ଟୁର୍ କାର୍ଯ୍ୟକ୍ରମ କରାଯାଇଛି। ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ, ଐତିହାସିକ ସ୍ଥଳ ଓ ପ୍ରାକୃତିକ ସୌନ୍ଦର୍ଯ୍ୟର ପ୍ରତ୍ୟକ୍ଷ ଅନୁଭୂତି ପ୍ରଦାନ ସହ ଅନ୍ତର୍ଜାତୀୟ ପର୍ଯ୍ୟଟକଙ୍କ ପାଇଁ କଷ୍ଟମାଇଜ୍‌ଡ ଟ୍ରାଭେଲ ପ୍ୟାକେଜ୍ ପ୍ରସ୍ତୁତ ହୋଇଛି। ଏପରିକି ଅପରେଟରମାନଙ୍କୁ ସକ୍ଷମ କରିବା ଏହି ଟୁର କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ସୂଚନା ଦିଆଯାଇଛି। ଏହି ବିଦେଶୀ ଟୁର୍ ଅପରେଟରମାନେ ରାଜ୍ୟର ପ୍ରମୁଖ ପର୍ଯ୍ୟଟନସ୍ଥଳ ଭିତରକନିକା ଜାତୀୟ ଉଦ୍ୟାନ, ଲଳିତଗିରି, ଉଦୟଗିରି ଏବଂ ଖଣ୍ଡଗିରି ଗୁମ୍ଫା, କଳାଭୂମି ହସ୍ତଶିଳ୍ପ ସଂଗ୍ରହାଳୟ, ରଘୁରାଜପୁର, ଧଉଳି ଶାନ୍ତିସ୍ତୂପ, ମୁକ୍ତେଶ୍ୱର, ରାଜାରାଣୀ ମନ୍ଦିର ଏବଂ କୋଣାର୍କ ସୂର୍ଯ୍ୟମନ୍ଦିର ବୁଲିବା ସହ ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ'ର ମଜା ନେଇଥିଲେ। ଓଡ଼ିଶା ଟ୍ରାଭେଲ ବଜାର ଅଂଶୀଦାରମାନଙ୍କୁ ପର୍ଯ୍ୟଟନ ସୁଯୋଗର ସମ୍ପ୍ରସାରଣ କ୍ଷେତ୍ରରେ ଏକ ଉତ୍କୃଷ୍ଟ ପ୍ଲାଟ୍‌ଫର୍ମ ପ୍ରଦାନ କରିଛି। ଓଡ଼ିଶା ଭାରତର ଏକ ଅଗ୍ରଣୀ ପର୍ଯ୍ୟଟନ ସ୍ଥଳୀରେ ପରିଣତ ହେବାର ଲକ୍ଷ୍ୟକୁ ଏହି କାର୍ଯକ୍ରମ ଆଗକୁ ନେବ ବୋଲି ଆଶା କରାଯାଉଛି।

# ଶ୍ରୀଲୋକନାଥ ମନ୍ଦିରରେ ଭକ୍ତଙ୍କୁ ବାଉନ୍ସରଙ୍କ ଦୁର୍ବ୍ୟବହାର

## ତଦନ୍ତ ହେବ କହିଲେ ଏସ୍‌ପି, ଉପଜିଲାପାଳ

ପୁରୀ,୨୬।୨(ଅଜିତ୍ କୁମାର ମହାନ୍ତି)

ମହାଶିବରାତ୍ରି ଅବସରରେ ଶ୍ରୀଲୋକନାଥ ମନ୍ଦିର ଭିତରେ ସୁରକ୍ଷା ଦାୟିତ୍ୱରେ ବାଉନ୍ସର ଥିବା ଦେଖିବାକୁ ମିଳିଥିଲା। ଭକ୍ତଙ୍କୁ ବାଉନ୍ସର ଦୁର୍ବ୍ୟବହାର କରିଥିବା ଅଭିଯୋଗ ହେଉଛି। ଏହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ମନ୍ଦିରରେ ପ୍ରବଳ ଗହଳି ହୋଇଥିବା ବେଳେ ଶୃଙ୍ଖଳିତ ଦର୍ଶନ, ସୁରକ୍ଷା ଓ ସୁବିଧା ନିମନ୍ତେ ବ୍ୟାପକ ପୋଲିସ ଫୋର୍ସ ସହ ବରିଷ୍ଠ ପୋଲିସ ଅଧିକାରୀମାନେ ମୁତୟନ ହୋଇଥିଲେ। କିନ୍ତୁ ମନ୍ଦିର ସୁରକ୍ଷା ଦାୟିତ୍ୱରେ ଦୁଇଜଣ ପ୍ରାଇଭେଟ ବାଉନ୍ସର ଥିବା ଦେଖିବାକୁ ମିଳିଥିଲା। ତେବେ ଉଭୟଙ୍କୁ କିଏ ଏବଂ କାହିଁକି ମୁତୟନ କଲେ ତା'କୁ ନେଇ ପ୍ରଶ୍ନ ଉଠିଛି। ଏହି ଦୁଇଜଣ ବାଉନ୍ସର ଭକ୍ତଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଏହାପରେ ପୋଲିସ ସମ୍ପୃକ୍ତ ବାଉନ୍ସର ଦ୍ୱୟଙ୍କୁ ପଚରାଉଚରା କରି ଛାଡ଼ି ଦେଇଛି। ଏନେଇ ଏସ୍‌ପି ବିନିତ୍ ଅଗ୍ରୱାଲ କହିଛନ୍ତି, ମନ୍ଦିରରେ ବ୍ରାଉନ୍ସର ଜଗିବା ଘଟଣା ପୋଲିସ ନଜରକୁ ଆସିଛି। ଏନେଇ ମନ୍ଦିର ପ୍ରଶାସନ ଓ ଜିଲା ପ୍ରଶାସନ ସହ ଆଲୋଚନା କରି ତଦନ୍ତ କରାଯିବ। ତେବେ ପୋଲିସ ପକ୍ଷରୁ ବିଳମ୍ବିତ ରାତିରୁ ଡିୟୁଟି କରାଯାଉଛି ବୋଲି ଏସ୍‌ପି କହିଛନ୍ତି। ସେହିପରି ଉପଜିଲାପାଳ ରାଜକିଶୋର ଜେନା କହିଛନ୍ତି, କେହି ବାଉନ୍ସର ନିଯୁକ୍ତି କରିନାହାନ୍ତି। ସେ ଅନେକ ସମୟ ଧରି ମନ୍ଦିର ଭିତରେ ଥିଲେ। ବାଉନ୍ସର ଥିବା ତାଙ୍କ ନଜରରେ କିଛି ଆସିନାହିଁ। ତଥାପି ବାଉନ୍ସର ନିଯୁକ୍ତି ନେଇ ହେଉଥିବା ଅଭିଯୋଗର ତଦନ୍ତ କରାଯିବ। ସିସିଟିଭି ଯାଞ୍ଚ କରାଯିବା ପରେ ସତ୍ୟାସତ୍ୟ ଜଣାପଡ଼ିବ।

# ଯୁବ କଥାକାର ସନ୍ତୋଷ କୁମାର ସାହୁ ପାଇବେ କିଶୋରୀ ଚରଣ ପୁରସ୍କାର

କଟକ,୨୬।୨(କାର୍ତ୍ତିକ ସାହୁ)

କିଶୋରୀ ଚରଣ ସ୍ମୃତି ସଂସଦ ପକ୍ଷରୁ ଚଳିତବର୍ଷ କିଶୋରୀଚରଣ ପୁରସ୍କାର ଯୁବ କଥାକାର ସନ୍ତୋଷ କୁମାର ସାହୁଙ୍କୁ ପ୍ରଦାନ କରାଯିବ। ତାଙ୍କ ରଚିତ ଝିଙ୍କା ଗଳ୍ପ ପୁସ୍ତକ ପାଇଁ ସେ ଏହି ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଯାଜପୁର ଜିଲା ସୁକିନ୍ଦା ଅନ୍ତର୍ଗତ ଖରଡ଼ି ଗ୍ରାମରେ ଜନ୍ମଗ୍ରହଣ କରିଥିବା ସାହୁ ଗଳ୍ପ ସହିତ ପ୍ରଣୟିନୀ ଭଳି ଉପନ୍ୟାସ ରଚନା କରି ଖ୍ୟାତି ଅର୍ଜନ କରିଛନ୍ତି। କିଶୋରୀ ଚରଣ ଦାସଙ୍କ ୧୦୧ତମ ଜୟନ୍ତୀ ପାଳନ ଉପଲକ୍ଷେ ଆସନ୍ତା ମାର୍ଚ୍ଚ ୧ ତାରିଖ ସନ୍ଧ୍ୟାରେ କଟକ ଶ୍ରୀରାମଚନ୍ଦ୍ର ଭବନଠାରେ ହେବାକୁ ଥିବା ଉତ୍ସବରେ ସାହୁଙ୍କୁ ଏହି ପୁରସ୍କାର ଦିଆଯିବ ବୋଲି ସ୍ମୃତି ସଂସଦ ପକ୍ଷରୁ ସୂଚନା ଦିଆଯାଇଛି।

# 'ରେଭେନ୍‌ଶାର ପ୍ରଗତି ପାଇଁ ଉଦ୍ୟମ ଜାରି ରହୁ'

କଟକ,୨୬।୨(କାର୍ତ୍ତିକ ସାହୁ)

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଅସ୍ମିତା ଅକ୍ଷୁଣ୍ଣ ରଖିବା ପ୍ରତ୍ୟେକ ରେଭେନ୍‌ଶାଭିଆନ୍‌ଙ୍କ କର୍ତ୍ତବ୍ୟ। ଏଥିସହ ରେଭେନ୍‌ଶାର ପ୍ରଗତି ନିମନ୍ତେ ସମସ୍ତଙ୍କ ଉଦ୍ୟମ ଜାରି ରହୁ ବୋଲି ରେଭେନ୍‌ଶା କଲେଜ ୧୯୭୫-୭୯ ବ୍ୟାଚ୍ ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନରେ ବକ୍ତାମାନେ କହିଛନ୍ତି। ଏମ୍‌ବିଏ କନ୍‌ଫରେନ୍ସ ହଲ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଫେସର ଆଦିତ୍ୟ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଦେଶ ବିଦେଶରେ ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ପୁରାତନ ଛାତ୍ରୀ ପୁଷ୍ପା ଦାଶ, ମମତା ମିଶ୍ର, ବିଜୟିନୀ ମହାପାତ୍ରଙ୍କ ଆବାହକତ୍ୱରେ ଅରୁଣ କୁମାର ପଣ୍ଡା, ପ୍ରଶାନ୍ତ କୁମାର ସେନାପତି, ପ୍ର. ରାମଚନ୍ଦ୍ର ମାଝୀ, ପ୍ରସନ୍ନ କୁମାର ଦାଶ, ପ୍ରଣବ କୁମାର ଦାଶ, ସଞ୍ଜୟ କୁମାର ଧଳ, ପ୍ର. ସ୍ୱର୍ଣ୍ଣମୟୀ ତ୍ରିପାଠୀ, ପ୍ର. ସଙ୍ଗୀତା ରଥ ଓ ଭବାନୀ ଶେଖର ଅତୀତର ସ୍ମୃତି ରୋମନ୍ଥନ କରିଥିଲେ। ଶିକ୍ଷକନେତା ଡ. ଯୁଧିଷ୍ଠିର ଖଟୁଆ ଧନ୍ୟବାଦ ଦେଇଥିଲେ।

# କ୍ଷୀର ବୋଝେଇ ଟ୍ୟାଙ୍କର ଧକ୍କାରେ ନାବାଳକଙ୍କ ମୃତ୍ୟୁ

- ଗାଡ଼ି ପୋଡ଼ିବା ସହ ଚାଳକଙ୍କୁ ମାଡ଼ ମାରିଲେ ଲୋକେ
- ୨ ଗୋଷ୍ଠୀ ମଧ୍ୟରେ ମାର୍‌ପିଟ୍, ୩ ଘଣ୍ଟା ରାସ୍ତାରୋକୋ

ବାଲିଅନ୍ତା ୨୬। ୨ (ନୀଳମାଧବ ସାହୁ)

ଖୋର୍ଦ୍ଧା ଜିଲା ବାଲିଅନ୍ତା ଥାନା ଅଧୀନ ସାଇଫନ ଛକ ନିକଟରେ ବୁଧବାର ଏକ ଦୁର୍ଘଟଣା ଘଟିଛି। ସାଇକେଲରେ ଯାଉଥିବା ଜଣେ ନାବାଳକଙ୍କୁ ପଛପଟୁ ଏକ କ୍ଷୀର ବୋଝେଇ ଟ୍ୟାଙ୍କର ଧକ୍କା ଦେଇଛି। ଗାଡ଼ିର ପଛ ଚକ ନାବାଳକଙ୍କ ମୁଣ୍ଡରେ ଚଢିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ବାଲିଅନ୍ତା ଥାନା ବାଲିଅନ୍ତା ପଞ୍ଚାୟତ ଅଧୀନ ଡାମରା ଗ୍ରାମର ମହେଶ୍ୱର ସ୍ୱାଇଁ ଓ ସନ୍ଧ୍ୟାରାଣୀଙ୍କ ଏକମାତ୍ର ପୁତ୍ର ରାହୁଲ ସ୍ୱାଇଁ (୧୩)। ସେ ବାଲିଅନ୍ତା ସରକାରୀ ଉଚ୍ଚ ବିଦ୍ୟାଳୟର ୭ମ ଶ୍ରେଣୀର ଛାତ୍ର ଥିଲେ। ରାହୁଲ ଅଣ୍ଡିଲୋ ନଦୀପଠା ପଡ଼ିଆକୁ କ୍ରିକେଟ୍ ଖେଳିବାକୁ ଯାଉଥିବାବେଳେ ଏହି ଦୁଃଖଦ ଘଟଣା ଘଟିଛି।


ଉତ୍ୟକ୍ତ ଲୋକେ ଟ୍ରକ୍‌ରେ ନିଆଁ ଲଗାଇଦେଇଛନ୍ତି।


ରାହୁଲ ସ୍ୱାଇଁ

ଏହାକୁ ନେଇ ସେଠାରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଉତ୍ୟକ୍ତ ଲୋକେ ଉକ୍ତ ଟ୍ୟାଙ୍କରର ଚାବି ଖୋଲି ଦେବାରୁ ଶହ ଶହ ଲିଟର କ୍ଷୀର ରାସ୍ତାରେ ବୋହିଥିଲା। ପରେ ସେମାନେ ଗାଡ଼ିରେ ନିଆଁ ଲଗାଇବା ସହ ଚାଳକଙ୍କୁ ମାଡ଼ ମାରିଥିଲେ। ଖବର ପାଇ ବାଲିଅନ୍ତା ପୋଲିସ ପହଞ୍ଚି ଉତ୍ୟକ୍ତ ଲୋକଙ୍କ କବଳରୁ ଚାଳକଙ୍କୁ ଉଦ୍ଧାର କରି ଥାନାକୁ ନେଇଥିଲା। ବାଲିଅନ୍ତା ଅଗ୍ନିଶମ ବାହିନୀ ପହଞ୍ଚି ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ଉତ୍ୟକ୍ତ ଲୋକେ ବାଧା ଦେଇଥିଲେ। ଫଳରେ ସେମାନେ ଫେରିଯାଇଥିଲେ। ଘଟଣାକୁ ନେଇ ୨ ଗୋଷ୍ଠୀଙ୍କ ମଧ୍ୟରେ ଠେଲାପେଲା ଓ ମାରପିଟ ହୋଇଥିଲା। ପାହାଳ ଥାନା ଅଧିକାରୀ ଅଶ୍ୱିନୀ କୁମାର ଜେନା ଉଭୟ ଗୋଷ୍ଠୀଙ୍କୁ ରୋକିବାକୁ ଚେଷ୍ଟା କରିଥିଲେ ମଧ୍ୟ ପରିସ୍ଥିତି ଅଣାୟତ୍ତ ହେବାରୁ ପୋଲିସ ଫୋର୍ସ ମୁତୟନ ହୋଇଥିଲା। ଜୋନ-୪ ଏସିପି, ସ୍ପେଶାଲ ସ୍କ୍ୱାଡ୍‌ର ଏସିପି ହିମାଂଶୁ ସ୍ୱାଇଁ, ବାଲିଅନ୍ତା ଥାନା ନୂତନ ଅଧିକାରୀ ଅନିଲ ପରିଡ଼ା ସଦଳବଳ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲେ। ଜୟଦେବ ବିଧାୟକ ନବକିଶୋର ମଲ୍ଲିକ ଓ ସ୍ଥାନୀୟ ସରପଞ୍ଚ କୃଷ୍ଣକେଶବ ଆପଟ ପ୍ରମୁଖ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବାରୁ ପରିସ୍ଥିତି ସ୍ୱାଭାବିକ ଅବସ୍ଥାକୁ ଆସିଥିଲା। ଅପରପକ୍ଷେ ସ୍ଥାନୀୟ ଲୋକେ ଉପଯୁକ୍ତ କ୍ଷତିପୂରଣ ଦାବିରେ ଦୀର୍ଘ ୩ ଘଣ୍ଟା ଧରି ରାସ୍ତାରୋକୋ କରିଥିଲେ। ଫଳରେ ଗାଡ଼ିମୋଟର ଅଟକ ରହିଥିଲା। ବାଲିଅନ୍ତା ତହସିଲ ପକ୍ଷରୁ ୨୦ ହଜାର ଟଙ୍କା ଓ ପୋଲିସ ପକ୍ଷରୁ ୧୦ ହଜାର ଟଙ୍କାର ସହାୟତା ରାଶି ମୃତକ ରାହୁଲଙ୍କ ପରିବାର ଲୋକଙ୍କୁ ଦିଆଯାଇଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ପୋଲିସ ଏକ ମାମଲା (ନଂ. ୭୭/୨୫) ରୁଜୁ କରି ସମ୍ପୃକ୍ତ ଗାଡ଼ି ଚାଳକଙ୍କୁ ଅଟକ ରଖିଛି।

# ପଞ୍ଚାୟତ ଅଫିସ୍ ଭାଙ୍ଗିବାକୁ ଏନ୍‌ଜିଟିଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୨୬।୨(ସତ୍ୟଜିତ୍ ରାଉତ)

ନୟାଗଡ଼ ଜିଲା ରଣପୁର ବ୍ଲକ୍ ଝାଡ଼ପଡ଼ା ପଞ୍ଚାୟତର ଅଫିସ୍ ଗୃହକୁ ଭାଙ୍ଗିବାକୁ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ୍ (ଏନ୍‌ଜିଟି) ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗୃହଟି ଜଙ୍ଗଲ ଜମି ଉପରେ ବେଆଇନ ଭାବେ ନିର୍ମାଣ କରାଯାଇଥିବାରୁ ଏନ୍‌ଜିଟି ଏହି କାର୍ଯ୍ୟାନୁଷ୍ଠାନ ନିଷ୍ପତ୍ତି ନେଇଛନ୍ତି। ମାମଲା ଅନୁଯାୟୀ, ଝାଡ଼ପଡ଼ା ଗାଁର ନିତ୍ୟାନନ୍ଦ ଜେନା କିଛିବର୍ଷ ତଳେ ସେହି ମୌଜାର ଖାତା ନମ୍ବର ୩୮୭, ପ୍ଲଟ ନମ୍ବର ୧୭୯୩ରେ ବେଆଇନ ଭାବେ ଏକ ଗୃହ ନିର୍ମାଣ କରିଥିଲେ। ସାବିକ ନକ୍ସାରେ ଏହି ଜମିର କିସମ ଜଙ୍ଗଲ ଥିବାରୁ ବିନା ଅନୁମତିରେ କୌଣସି ନିର୍ମାଣ କାର୍ଯ୍ୟ କରିହେବ ନାହିଁ କିମ୍ବା ଏହି ଜମି କାହାକୁ ହସ୍ତାନ୍ତର କରାଯାଇପାରିବ ନାହିଁ। ତେବେ ପରେ ଉକ୍ତ ଘରକୁ ଝାଡ଼ପଡ଼ା ପଞ୍ଚାୟତ ଅଫିସ ଭାବେ ବ୍ୟବହାର କରାଯାଇଥିଲା। ଉକ୍ତ ପ୍ଲଟ୍‌କୁ ପଞ୍ଚାୟତ ନାମରେ ହସ୍ତାନ୍ତର କରିବାକୁ ରଣପୁର ତହସିଲ ଓ ଉପ ଜିଲାପାଳଙ୍କ ନିକଟରେ ଆବେଦନ ହୋଇଥିଲେ ମଧ୍ୟ ଏହା ଖାରଜ ହୋଇଥିଲା। ପରେ ପଞ୍ଚାୟତ ପକ୍ଷରୁ ହାଇକୋର୍ଟରେ ପିଟିଶନ ହୋଇଥିବାବେଳେ ତାହା ମଧ୍ୟ ଖାରଜ ହୋଇଯାଇଥିଲା। ପଞ୍ଚାୟତ ଗୃହ ପାଇଁ ଆଉ ଏକ ଉପଯୁକ୍ତ ସ୍ଥାନ ଚୟନ ପାଇଁ ହାଇକୋର୍ଟ ପ୍ରସ୍ତାବ ଦେଇଥିଲେ। କିନ୍ତୁ ପଞ୍ଚାୟତ ପକ୍ଷରୁ ଉକ୍ତ ପ୍ଲଟ୍‌ରେ ଥିବା ଘର ପାଖରେ ଆଉ ଏକ ଗୃହ ନିର୍ମାଣ କରିବାକୁ ଉଦ୍ୟମ କରିବାରୁ ଗାଁଲୋକେ ବିରୋଧ କରିଥିଲେ। ଏହାକୁ ନେଇ ଝାଡ଼ପଡ଼ା ଗାଁର ରବୀନ୍ଦ୍ର ପ୍ରଧାନ ଏନ୍‌ଜିଟିଙ୍କ ନିକଟରେ ମାମଲା କରିଥିଲେ। ମାମଲାରେ ରାଜ୍ୟ ସରକାର, ରାଜ୍ୟ ଓ କେନ୍ଦ୍ର ପରିବେଶ ଓ ଜଙ୍ଗଲ ବିଭାଗ, ରାଜସ୍ୱ ବିଭାଗ ସଚିବ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଦିଙ୍କୁ ନୋଟିସ ହୋଇଥିଲା। ଏନ୍‌ଜିଟିଙ୍କ ନିର୍ଦ୍ଦେଶରେ ଗଠିତ କମିଟି ତଦନ୍ତ କରି ଏହି ଗୃହ ଜଙ୍ଗଲ ଜମି ଉପରେ ନିର୍ମାଣ ହୋଇଥିବା ରିପୋର୍ଟ ଦେଇଥିଲେ। ଉକ୍ତ ବେଆଇନ ନିର୍ମାଣକୁ ଭାଙ୍ଗିବା ସହ ନୂତନ ନିର୍ମାଣ ଉପରେ ରୋକ ଲଗାଇବାକୁ ଏନ୍‌ଜିଟି ଫେବୃଆରୀ ୪ରେ ନିର୍ଦ୍ଦେଶ ଦେଇଥିଲେ। ମାସେ ମଧ୍ୟରେ ଏହି ବେଆଇନ ଘରକୁ ଉଚ୍ଛେଦ ପାଇଁ ନୟାଗଡ଼ ଜିଲାପାଳଙ୍କୁ ଟ୍ରିବ୍ୟୁନାଲ୍ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଓଡ଼ିଶା ହାଇକୋର୍ଟର ଆଇନଜୀବୀ ଅଖଣ୍ଡ ମାମଲା ପରିଚାଳନା କରୁଥିଲେ।

# ପ୍ରଭୁ ଲିଙ୍ଗରାଜଙ୍କ କାର୍ଯ୍ୟରେ ଅର୍ଥ ବାଧକ ହେବନାହିଁ: ମୁଖ୍ୟମନ୍ତ୍ରୀ

## ଲିଙ୍ଗରାଜ ମନ୍ଦିର ଓ ଏକାମ୍ର କ୍ଷେତ୍ରର ପାରିପାର୍ଶ୍ୱିକ ଅଞ୍ଚଳର ବିକାଶ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ



ଲିଙ୍ଗରାଜ ଭଜନ ମଣ୍ଡପଠାରେ ବୁଧବାର ଆୟୋଜିତ ଭଜନ ସମାରୋହ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବିଧାୟକ ବାବୁ ସିଂ ଓ ଅନ୍ୟମାନେ।

ଭୁବନେଶ୍ୱର,୨୬।୨(ସୁନିତ୍ ମିଶ୍ର)

ଲିଙ୍ଗରାଜ ମନ୍ଦିର ଓ ଏକାମ୍ର କ୍ଷେତ୍ରର ପାରିପାର୍ଶ୍ୱିକ ଅଞ୍ଚଳର ବିକାଶ ପାଇଁ ଆମ ସରକାର ପ୍ରତିଶ୍ରୁତିବଦ୍ଧ। ଏଥିସହ ରାଜ୍ୟର ସମସ୍ତ ଆଧ୍ୟାତ୍ମିକ ସ୍ଥାନର ଉନ୍ନତିକରଣ ଲାଗି ଉଦ୍ୟମ ଜାରି ରହିବ। ତେବେ ପ୍ରଭୁ ଲିଙ୍ଗରାଜଙ୍କ କାର୍ଯ୍ୟରେ ଅର୍ଥ ବାଧକ ହେବନାହିଁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ପ୍ରଭୁ ଲିଙ୍ଗରାଜଙ୍କ ପ୍ରସିଦ୍ଧ ଜାଗର ଯାତ୍ରା ଅବସରରେ ବୁଧବାର ପୁରୁଣା ଭୁବନେଶ୍ୱରସ୍ଥିତ ଲିଙ୍ଗରାଜ ଭଜନ ମଣ୍ଡପଠାରେ ଆୟୋଜିତ ଭଜନ ସମାରୋହ କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି।

ଏହିଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଶ୍ରୀକ୍ଷେତ୍ର ପୁରୀ, ଅର୍କ କ୍ଷେତ୍ର କୋଣାର୍କ ଏବଂ ଏକାମ୍ର କ୍ଷେତ୍ର ଭୁବନେଶ୍ୱର ଭଳି ଆଧ୍ୟାତ୍ମିକ ପର୍ଯ୍ୟଟନ କ୍ଷେତ୍ରଗୁଡ଼ିକର ଉନ୍ନତି ଲାଗି ଆମେ ଲକ୍ଷ୍ୟ ରଖିଛୁ। ଏସବୁ କ୍ଷେତ୍ରଗୁଡ଼ିକ ଆମର ଆଧ୍ୟାତ୍ମିକ ପରମ୍ପରାକୁ ବଜାୟ ରଖିବା ସହ ରାଜ୍ୟର ଅର୍ଥନୈତିକ ବୃଦ୍ଧିରେ ମଧ୍ୟ ଯୋଗଦାନ କରିଥାନ୍ତି। ତେବେ ଏଠାରେ ସ୍ଥାୟୀ ମଣ୍ଡପ ଲାଗି ଏଏସ୍ଆଇ ଠାରୁ ଅନୁମତି ମିଳିଲା ପରେ ସମସ୍ତ ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହେବ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ସୁନାମଧନ୍ୟ କଣ୍ଠଶିଳ୍ପୀ ଅନୁରାଧା ପୋଡ଼ୱାଲ,ଉଷା ଉଥୁପ୍ଙ୍କ ସମେତ ସମସ୍ତ କଳାକାର ଓ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ସେ ପ୍ରଭୁ ଲିଙ୍ଗରାଜ ଓ ମହାଦୀପ ଦର୍ଶନ କରିଥିଲେ।

ଏକାମ୍ର ସାଂସ୍କୃତିକ ମଞ୍ଚ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଆଇନ ଓ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଭୁବନେଶ୍ୱର ଏମ୍ପି ଅପରାଜିତା ଷଡ଼ଙ୍ଗୀ, ଏକାମ୍ର ବିଧାୟକ ବାବୁ ସିଂହ, ମେୟର ସୁଲୋଚନା ଦାସ ପ୍ରମୁଖ ପ୍ରଭୁ ଲିଙ୍ଗରାଜଙ୍କ ପାଖରେ ସମସ୍ତଙ୍କର ମଙ୍ଗଳ କାମନା କରିଥିଲେ। ଏଥିସହ ଏକାମ୍ର ସାଂସ୍କୃତିକ ମଞ୍ଚର ସଭାପତି ସୁରେଶ ରାଉତରାୟ, ଉପସଭାପତି ସମୀର ମହାନ୍ତି, ସମ୍ପାଦକ ସନତ୍ ମିଶ୍ର, ଆଇଏମ୍ଡି ଡିଜି ଡ. ମୃତ୍ୟୁଞ୍ଜୟ ମହାପାତ୍ର, ଭାଜପା ଜଗନ୍ନାଥ ପ୍ରଧାନ ଓ କର୍ପୋରେଟର ବୃନ୍ଦ ନିଜ ବକ୍ତବ୍ୟ ରଖିଥିଲେ। ଏହାପରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା।

# ଆରଡ଼ି ପୀଠର ଉନ୍ନତି ପାଇଁ ୧୦ କୋଟି

## ଘୋଷଣା କଲେ ଉପମୁଖ୍ୟମନ୍ତ୍ରୀ

ଭଦ୍ରକ, ୨୬।୨(ସନାତନ ରାଉତ)



ଆରଡ଼ିସ୍ଥିତ ଆଖଣ୍ଡଳମଣି ମନ୍ଦିରରେ ବୁଧବାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଭଦ୍ରକ ଜିଲାର ପ୍ରସିଦ୍ଧ ଶୈବପୀଠ ଆରଡ଼ିସ୍ଥିତ ବାବା ଆଖଣ୍ଡଳମଣି ମନ୍ଦିର ଉନ୍ନତି ପାଇଁ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ୧୦କୋଟି ଟଙ୍କା ପ୍ରଦାନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଭଦ୍ରକ ଗସ୍ତ ଅବସରରେ ଘୋଷଣା କରିଛନ୍ତି। ବୁଧବାର ପୂର୍ବାହ୍ନ ୧୦ଟାରେ ଉପମୁଖ୍ୟମନ୍ତ୍ରୀ ପରିଡା ଆରଡିରେ ପହଞ୍ଚି ଆଖଣ୍ଡଳମଣି ବାବାଙ୍କୁ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ। ଏହି ସମୟରେ ତାଙ୍କ ସହ ଉଚ୍ଚଶିକ୍ଷା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଜିଲାପାଳ ଦିଲୀପ ରାଉତରାଏ, ଏସ୍ପି ମଡକର ସନ୍ଦୀପ ସମ୍ପଦ, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ। ମନ୍ଦିର ଓ ପାରିପାର୍ଶ୍ୱିକ ସ୍ଥିତି ବୁଲି ଦେଖିବା ସହ ସେବାୟତ ଓ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରଥିଲେ। ଉପମୁଖ୍ୟମନ୍ତ୍ରୀ ପରିଡା ମଙ୍ଗଳବାର ସନ୍ଧ୍ୟାରେ ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ଭଦ୍ରକାଳୀ ମନ୍ଦିର ଯାଇ ମା' ଙ୍କୁ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ। ପୀଠର ଉନ୍ନତି ଓ ଭିତ୍ତିଭୂମିର ବିକାଶ ପାଇଁ ୨ କୋଟି ଟଙ୍କାର ସହାୟତା ପ୍ରଦାନ କରାଯିବ ବୋଲି ଘୋଷଣା କରିଛନ୍ତି।

# ମହୁମାଛି ଆକ୍ରମଣରେ ୩୦ରୁ ଊର୍ଦ୍ଧ୍ୱ ଆହତ

## କାମତା ଶୈବପୀଠ

ଜୟପୁର, ୨୬।୨(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକସ୍ଥିତ କାମତା ଶୈବପୀଠରେ ଶିବରାତ୍ରି ଅବସରରେ ଦର୍ଶନ କରିବାକୁ ଆସିଥିବା ଭକ୍ତଙ୍କୁ ମହୁମାଛି ଆକ୍ରମଣ କରିଛି। ଏଥିରେ ୩୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ସୂଚନାନୁଯାୟୀ, ବୁଧବାର ମହାଶିବରାତ୍ରି ଉପଲକ୍ଷେ ଶ୍ରଦ୍ଧାଳୁଙ୍କ ଲମ୍ବା ଧାଡ଼ି ଲାଗିଥିଲା। ଏହି ସମୟରେ ମନ୍ଦିର ନିକଟ ବରଗଛରେ ଥିବା ମହୁମାଛି ହଠାତ୍ ଆସି ଶ୍ରଦ୍ଧାଳୁଙ୍କୁ ଆକ୍ରମଣ କରିଥିଲା। ସମସ୍ତେ ପ୍ରାଣ ବିକଳରେ ଦୌଡ଼ିଥିଲେ। ମହୁମାଛି ଆକ୍ରମଣରେ ଆହତ ଲୋକଙ୍କୁ କୁମୁଲି ମେଡ଼ିକାଲରେ ଭର୍ତି କରାଯାଇଛି। ସେଠାରେ ସେମାନଙ୍କ ଚିକିତ୍ସା ଚାଲିଛି।

# ମାଓବାଦୀ ଦମ୍ପତିଙ୍କ ଆତ୍ମସମର୍ପଣ

ମାଲକାନଗିରି,୨୬।୨ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ନାରାୟଣପୁର ଜିଲା ପୋଲିସ ନିକଟରେ ୧୦ ଲକ୍ଷ ପୁରସ୍କାର ଘୋଷିତ ମାଓବାଦୀ ବୁଧବାର ଦମ୍ପତି ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ ୫ ଲକ୍ଷ ଟଙ୍କା ପୁରସ୍କାର ଘୋଷିତ ସୁଦେନ କୋରାମ ଓ ସରିତା ପେଟାବି। ଏହି ୨ଜଣ ସଙ୍ଗଠନରେ ସକ୍ରିୟ ଭାବେ କାର୍ଯ୍ୟକରି ଆସୁଥିବା ବେଳେ ବର୍ତ୍ତମାନ ପୋଲିସ ଓ ସୁରକ୍ଷା ବାହିନୀ ଦ୍ୱାରା ବିଭିନ୍ନ ସ୍ଥଳରେ କ୍ୟାମ୍ପ ପ୍ରତିଷ୍ଠା, ଇତିମଧ୍ୟରେ ବହୁ ମାଓବାଦୀଙ୍କ ପୋଲିସ ଗୁଳିରେ ମୃତ୍ୟୁ, ଛତିଶଗଡ଼ରେ ଉନ୍ନୟନ କାର୍ଯ୍ୟ ଚାଲୁଥିବା ବେଳେ ସଙ୍ଗଠନରେ ପୂର୍ବ ଆଦର୍ଶ ନ ଥିବାରୁ ଏହି ଦମ୍ପତି ସଙ୍ଗଠନ ଛାଡ଼ି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାପାଇଁ ଆତ୍ମସମର୍ପଣ କରିଥିବା ପ୍ରକାଶ କରିଛନ୍ତି। ଏହି ଦମ୍ପତିଙ୍କୁ ପ୍ରଶାସନ ତରଫରୁ ୨୫ ହଜାର ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରିବା ସହ ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ।



ଯବାନଙ୍କ ନିକଟରେ ଆତ୍ମସମର୍ପଣ କରିଥିବା ମାଓବାଦୀ ଦମ୍ପତି।

## ଶତାଧିକ ପିଲା ଅନ୍ଧାରରେ ୨୫ କି.ମି. ଚାଲିବା ଘଟଣା

# ୪ ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସୁପାରିସ

ବାରିପଦା,୨୬।୨
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଖୁଣ୍ଟା ବ୍ଲକ ଅଧୀନ ବାସିପିଠାସ୍ଥିତ ଅନୁସୂଚିତ ଜାତି ଓ ଜନଜାତି, ସଂଖ୍ୟାଲଘୁ ଏବଂ ପଛୁଆବର୍ଗ କଲ୍ୟାଣ ବିଭାଗ(ଏସ୍ଏସ୍ଡି) ଦ୍ୱାରା ପରିଚାଳିତ ସରକାରୀ ଆବାସିକ ଉଚ୍ଚ ବିଦ୍ୟାଳୟର ଶତାଧିକ ଅନ୍ତେବାସୀ ଅନ୍ଧାର ରାତିରେ ୨୫ କି.ମି. ଚାଲିଚାଲି ଆସି ଜିଲାପାଳଙ୍କୁ ଭେଟିବା ଘଟଣାର ତଦନ୍ତ ସରିଛି। ଅନ୍ତେବାସୀଙ୍କ ଅଭିଯୋଗକୁ ଭିତ୍ତି କରି ବିଦ୍ୟାଳୟର ୪ କର୍ମଚାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରିପୋର୍ଟରେ ସୁପାରିସ କରାଯାଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

ହଷ୍ଟେଲରେ ନିମ୍ନମାନର ଖାଦ୍ୟ ପରିବେଷଣ ସହିତ ଖେଳ ଶିକ୍ଷକ ଗାଳିଗୁଲଜ କରୁଥିବା ସମ୍ପର୍କରେ ଛାତ୍ରମାନେ ଜିଲାପାଳଙ୍କୁ ଭେଟି ଅଭିଯୋଗ କରିବାକୁ ଗତ ସୋମବାର ରାତିରେ ସ୍କୁଲରୁ ବାହାରି ଚାଲି ଚାଲି ମଙ୍ଗଳବାର ବାରିପଦାରେ ପହଞ୍ଚିଥିଲେ। ଛାତ୍ରମାନଙ୍କ ଅଭିଯୋଗକୁ ନେଇ ଜିଲାପାଳ ହେମକାନ୍ତ ସୟଙ୍କ ନିର୍ଦ୍ଦେଶ କ୍ରମେ ଉଦଳା ଉପଜିଲାପାଳ ଓ ଜିଲା ମଙ୍ଗଳ ଅଧିକାରୀ ମିଳିତ ତଦନ୍ତ କରି ମୁଖ୍ୟ ଶାସନ ସଚିବ ଏବଂ ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି। ରିପୋର୍ଟରେ ବିଦ୍ୟାଳୟର ଖେଳ ଶିକ୍ଷକ ଓ ୩ ରୋଷେୟାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ କରାଯାଇଛି।

# ହାଇ ଭୋଲ୍ଟେଜ୍ ବିଦ୍ୟୁତ୍ ଟାୱାରକୁ ଚଢ଼ିଗଲେ ଯୁବକ

## ପ୍ରଶାସନ ନାକେଦମ, ୬ ଘଣ୍ଟା ପରେ ଉଦ୍ଧାର

ବଲାଙ୍ଗୀର,୨୬।୨
(ବୀରେନ୍ଦ୍ର କୁମାର ଝାଙ୍କର)

ବୁଧବାର ବଲାଙ୍ଗୀର ଜିଲା ପୁଇଁତଲା ଥାନା ଅଞ୍ଚଳରେ ଏକ ହାଇ ଭୋଲ୍ଟେଜ୍ ବିଦ୍ୟୁତ୍ ଟାୱାର ଉପରକୁ ଜଣେ ଯୁବକ ଚଢ଼ିଯିବାରୁ ତାଙ୍କୁ ଓହ୍ଲାଇ ଆଣିବାକୁ ପ୍ରଶାସନକୁ ନାକେଦମ୍ ହେବାକୁ ପଡ଼ିଥିଲା। ଯୁବକ ଜଣକ ହେଲେ ଉକ୍ତ ଥାନା ଅନ୍ତର୍ଗତ ଖମାରମୁଣ୍ଡା ଗାଁର ସିଦ୍ଧେଶ୍ୱର ଭୋଇ (୩୨)। ସମ୍ପୃକ୍ତ ଯୁବକଙ୍କୁ ବହୁ କଷ୍ଟରେ ତଳକୁ ଓହ୍ଲାଯିବା ପରେ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପାଇଁ ପୋଲିସ ସ୍ଥାନୀୟ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନେଇଥିବା ଜଣାପଡ଼ିଛି।

ପ୍ରକାଶ ଯେ, ସିଦ୍ଧେଶ୍ୱର ସକାଳ ୮ଟାରେ ଗାଁ ନିକଟ ଏକ ହାଇ ଭୋଲ୍ଟେଜ୍ ବିଦ୍ୟୁତ୍ ଟାୱାର ଉପରକୁ ଚଢ଼ିଯାଇଥିଲେ। ଏଭଳି ଘଟଣା ସମ୍ପର୍କରେ ଗାଁ ଲୋକେ ଜାଣିବା ପରେ ପୋଲିସକୁ ଖବର ଦେଇଥିଲେ। ଏହାପରେ ପୁଇଁତଲା ଥାନା ପୋଲିସ, ଦମକଳ ବାହିନୀ, ଜଙ୍ଗଲ ବିଭାଗ କର୍ମଚାରୀ ଓ ପୁଇଁତଲା ତହସିଲଦାର ଘଟଣାସ୍ଥଳରେ ପହଞ୍ଚିଥିଲେ। ସେହି ଟାୱାର ତଳେ ଦମକଳ ବାହିନୀ କର୍ମଚାରୀମାନେ ନେଟ୍ ଧରି ରହିଥିଲେ। ବିଦ୍ୟୁତ୍ ଟାୱାର ଉପରୁ ତଳକୁ ଓହ୍ଲାଇବାକୁ ସେହି ଯୁବକଙ୍କୁ ବାରମ୍ବାର ଅନୁରୋଧ କରାଯାଇଥିଲେ ମଧ୍ୟ ସେଠାରୁ ସେ ଓହ୍ଲାଉ ନ ଥିଲେ। ମଝିରେ ମଝିରେ ହାଇ ଭୋଲ୍ଟେଜ୍ ବିଦ୍ୟୁତ୍ ତାରକୁ ଧରି ସେ ଝୁଲି ପଡୁଥିଲେ। ପୋଲିସ, ଅଗ୍ନିଶମ ବାହିନୀ କର୍ମଚାରୀ, ତହସିଲଦାର ଉପସ୍ଥିତ ରହି ସ୍ଥିତି ଉପରେ ନଜର ରଖିଥିଲେ। ଯୁବକ ଜଣକ ଦୀର୍ଘ ସମୟ ଧରି ସମସ୍ତଙ୍କୁ ନାକେଦମ୍ କରିଦେଇଥିଲେ। ଏହି ଘଟଣା ସମ୍ପର୍କରେ ପ୍ରଚାରହେବା ପରେ ସେଠାରେ ଲୋକଙ୍କ ଭିଡ଼ ଜମିଥିଲା। ୨ଜଣ ଅଗ୍ନିଶମ ବିଭାଗ କର୍ମଚାରୀ ଟାୱାର ଉପରକୁ ଯାଇ ବୁଝାଶୁଝା କରିଥିଲେ। ତାଙ୍କ ସମ୍ପର୍କୀୟ ମଧ୍ୟ ବୁଝାଶୁଝା କରିଥିଲେ। ଦୀର୍ଘ ୬ ଘଣ୍ଟା ପରେ ଯୁବକ ଜଣକ ଅପରାହ୍ଣ ପ୍ରାୟ ସାଢ଼େ ୨ଟାରେ ଟାୱାରରୁ ତଳକୁ ଓହ୍ଲାଇଥିଲେ। ଟାୱାରରୁ ଓହ୍ଲାଇବା ବେଳେ ଅଧା ବାଟରୁ ଅଗ୍ନିଶମ ବିଭାଗ କର୍ମଚାରୀମାନେ ତାଙ୍କୁ କାବୁ କରିନେଇଥିଲେ। କେଉଁ କାରଣରୁ ଯୁବକ ଜଣକ ଟାୱାର ଉପରକୁ ଚଢ଼ି ଏଭଳି କାଣ୍ଡ କରିଥିଲେ ତାହା ସ୍ପଷ୍ଟ ହୋଇନାହିଁ।



ହାଇ ଭୋଲ୍ଟେଜ୍ ବିଦ୍ୟୁତ୍ ଟାୱାର ଉପରେ ଯୁବକ ଠିଆ ହୋଇଛନ୍ତି।



ଟାୱାର ଉପରୁ ଓହ୍ଲାଇବା ପରେ ଯୁବକଙ୍କୁ ଅଗ୍ନିଶମ କର୍ମଚାରୀମାନେ କାବୁରେ ହସ୍ପିଟାଲ ନେଉଛନ୍ତି।

# ମହେନ୍ଦ୍ରଗିରିରେ ସୂର୍ଯ୍ୟୋଦୟ ଦେଖିଲେ ଲକ୍ଷାଧିକ ଭକ୍ତ

ପାରଳାଖେମୁଣ୍ଡି,୨୬।୨(ଗିରିଧାରୀ ପରିଛା)



ମହେନ୍ଦ୍ରଗିରିରେ ସୂର୍ଯ୍ୟ ଉଦୟ ଓ ମହାଦେବଙ୍କୁ ଦର୍ଶନ ପାଇଁ ଆସିଥିବା ଶ୍ରଦ୍ଧାଳୁ।

ଗଜପତି ଜିଲ୍ଲାର ପୁରାଣ ପ୍ରସିଦ୍ଧ ଶୈବପୀଠ ମହେନ୍ଦ୍ରଗିରିରେ ମହାଶିବରାତ୍ରି ବହୁ ଆଡ଼ମ୍ବରରେ ପାଳିତ ହୋଇଯାଇଛି। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ମହେନ୍ଦ୍ର ପର୍ବତକୁ ମହାଦେବଙ୍କୁ ଦର୍ଶନ ସକାଶେ ରାଜ୍ୟ ଓ ରାଜ୍ୟ ବାହାରୁ ଲକ୍ଷାଧିକ ଲୋକ ଦର୍ଶନ କରିବା ପାଇଁ ଆସିଛନ୍ତି।

ଓଡିଶା-ଆନ୍ଧ୍ର ସୀମାନ୍ତରେ ସବୁଜିମା ଭରା ଏହି ପର୍ବତ ମାଳାରେ ରହିଛି ଦକ୍ଷିଣ ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ମହେନ୍ଦ୍ରଗିରି। ପୌରାଣିକ ଓ ଭୌଗୋଳିକ ଦୃଷ୍ଟିରୁ ଏହା ଅନ୍ୟ ଶୈବ ପୀଠଠାରୁ ଭିନ୍ନ। ସମୁଦ୍ର ପତନ ଠାରୁ ୧୫୦୦ ମିଟର ଉଚ୍ଚରେ ଗଜପତି ଜିଲା ରାୟଗଡ଼ ବ୍ଲକରେ ରହିଛି ଏହି ମହେନ୍ଦ୍ରଗିରି ଶୈବପୀଠ। କଥିତ ଅଛି, ସତ୍ୟଯୁଗରେ ମହାଦେବ ଗୋହତ୍ୟା ଦୋଷରୁ ମୁକ୍ତି ପାଇଁ ଏହି ପର୍ବତରେ ତପସ୍ୟା କରି ଗୋକର୍ଣ୍ଣେଶ୍ୱର ମନ୍ଦିର ପ୍ରତିଷ୍ଠା କରିଥିଲେ। ଦ୍ୱାପର ଯୁଗରେ ପଞ୍ଚୁପାଣ୍ଡବ ଏଠାରେ ବନବାସ କରି ନୀଳମାଧବଙ୍କ ପୂଜା କରିଥିବା ବେଳେ ତ୍ରେତୟା ଯୁଗରେ ଭଗବାନ ପର୍ଶୁରାମଙ୍କ ଏହା ଥିଲା ତପସ୍ଥାଳୀ। ହନୁମାନ ଏହି ପାହାଡ଼ରୁ ଲଙ୍କାକୁ ଯିବା ପାଇଁ ଆକାଶ ମାର୍ଗରେ ଲମ୍ଫ ମାରିଥିବା ଲୋକମତ ରହିଛି। ଏଠାରେ ପଞ୍ଚୁପାଣ୍ଡବ ଓ କୁନ୍ତିଙ୍କ ନାମରେ ନାମିତ ୬ଟି ମନ୍ଦିରରେ ରହିଛି ଅନେକ ଶିବଲିଙ୍ଗ। ଏହି ସ୍ଥାନରୁ ପ୍ରବାହିତ ହେଉଛି ମହେନ୍ଦ୍ର ତନୟା ନଦୀ। ଏଠାରେ ଥିବା ଭୀମ ମନ୍ଦିର ୧୯ଟି ପଥରରେ ନିର୍ମିତ। କୁହଯାଏ ପଞ୍ଚୁପାଣ୍ଡବ ଗୋଟିଏ ରାତିରେ ଏକତ୍ରିତ ହୋଇ ମନ୍ଦିର ନିର୍ମାଣ କରୁଥିବା ବେଳେ ସୂର୍ଯ୍ୟୋଦୟ ହୋଇଯାଇ ଥିବାରୁ ତାହା ଅସମ୍ପୂର୍ଣ୍ଣ ରହିଗଲା। ଭୀମ କ୍ରୋଧବଶତଃ ଏକ ଗୋଇଠା ମାରିବାରୁ ପଥରରେ ଫାଟ ସୃଷ୍ଟି ହୋଇଥିଲା। ଭକ୍ତମାନେ ପୂର୍ବ ଦିଗରୁ ସେହି ପଥର ଫାଟରେ ଅନାୟାସରେ ପ୍ରବେଶ କରି ମହାଦେବଙ୍କ ଦର୍ଶନ ସାରି ପଶ୍ଚିମ ଦିଗରେ ବାହାରିଥାନ୍ତି। ଲକ୍ଷାଧିକ ଭକ୍ତ ମହାଶିବରାତ୍ରି ପାଇଁ ମଙ୍ଗଳବାର ରାତିର ମହେନ୍ଦ୍ରଗିରିକୁ ଆସି ବୁଧବାର ମହାଶିବରାତ୍ରି ଦିନ ସୂର୍ଯ୍ୟ ଉଦୟ ଦେଖି ଠାକୁର ଦର୍ଶନ କରିଛନ୍ତି। ଗଜପତି ଜିଲାପାଳ ବିଜୟ କୁମାର ଦାସ ଆସି ଏହାର ତଦାରଖ କରିଥିବା ବେଳେ ଲୋକଙ୍କ ସୁରକ୍ଷିତ ଯାତ୍ରା ଏବଂ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଜିଲା ଆରକ୍ଷୀ ଅଧିକ୍ଷକ ଯତୀନ୍ଦ୍ର କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।



# ଏନ୍କାଉଣ୍ଟରରେ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍ ସଦସ୍ୟ ମୃତ

ମୀରଟ, ୨୬।୨



ଜିତେନ୍ଦ୍ର

ଉତ୍ତରପ୍ରଦେଶର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍ଟିଏଫ୍)ର ମୀରଟ ଏବଂ ନଏଡା ୟୁନିଟ୍ ଦ୍ୱାରା ବୁଧବାର ସକାଳେ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍ର ସକ୍ରିୟ ସଦସ୍ୟ ତଥା ଶାର୍ପ ଶୁଟର ଜିତେନ୍ଦ୍ର ଓରଫ ଜିତୁକୁ ମୀରଟର ମୁଣ୍ଡାନି ଥାନା ଅଞ୍ଚଳରେ ଏନ୍କାଉଣ୍ଟର କରାଯାଇଛି। ଏନେଇ ଏସ୍ଟିଏଫ୍ ମୀରଟର ଏସ୍ପି ବ୍ରିଜେଶ କୁମାର ସିଂ ସୂଚନା ଦେଇଛନ୍ତି। ୨୦୨୩ରେ ଗାଜିଆବାଦର ଏକ ଡବଲ ମର୍ଡର ଘଟଣାରେ ପୋଲିସ ଜିତେନ୍ଦ୍ରଙ୍କୁ ଖୋଜୁଥିଲା। ତାଙ୍କୁ ଧରିବା ପାଇଁ ୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ଜିତେନ୍ଦ୍ର ପୂର୍ବରୁ ୨୦୧୬ରେ ହରିୟାଣାର ଝଜ୍ଜରରେ ହୋଇଥିବା ଏକ ଡବଲ ମର୍ଡର ଘଟଣାରେ ଦୋଷୀ ସାବ୍ୟସ୍ତ ହୋଇ ଆଜୀବନ କାରାଦଣ୍ଡରେ ଦଣ୍ଡିତ ହୋଇଥିଲେ। ତେବେ ୨୦୨୩ରେ ଜିତେନ୍ଦ୍ର ପାରୋଲରେ ଜେଲ ବାହାରକୁ ଆସି ଫେରାର ହୋଇଯାଇଥିଲେ। ହରିୟାଣାର ଝଜ୍ଜର ଜିଲା ଆସୌଦା ଥାନା ସିୱାନ ଗ୍ରାମ ନିବାସୀ ଜିତେନ୍ଦ୍ରଙ୍କ ବିରୋଧରେ ହତ୍ୟା, ଲୁଟ ଆଦି ୮ଟି ସଙ୍ଗିନ ମାମଲା ରହିଛି।

# ଆଣ୍ଟି ଶିପ୍ ମିଶାଇଲର ସଫଳ ପରୀକ୍ଷଣ

ଚାନ୍ଦିପୁର, ୨୬।୨

ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଙ୍ଗଠନ (ଡିଆର୍ଡିଓ) ଏବଂ ଭାରତୀୟ ନୌସେନା ବୁଧବାର ଏହାର ପ୍ରଥମ ପ୍ରକାର ନାଭାଲ ଆଣ୍ଟି ଶିପ୍ ମିଶାଇଲ(ଏନ୍ଏଏସ୍ଏମ୍-ଏସ୍ଆର୍)କୁ ସଫଳତାର ସହ ପରୀକ୍ଷଣ କରିଛନ୍ତି। ଓଡ଼ିଶାର ଚାନ୍ଦିପୁରସ୍ଥିତ ଇଣ୍ଟିଗ୍ରେଟେଡ୍ ଟେଷ୍ଟ ରେଞ୍ଜ (ଆଇଟିଆର୍)ରୁ ଏହି ପରୀକ୍ଷଣ କରାଯାଇଛି। ଭାରତୀୟ ନୌସେନାର 'ସି କିଙ୍ଗ୍' ହେଲିକପ୍ଟରରୁ ଏହି ଆଣ୍ଟି ଶିପ୍ ମିଶାଇଲକୁ ଉତ୍କ୍ଷେପଣ କରାଯାଇଛି। ଏହି ମିଶାଇଲ ନିଜ ଲକ୍ଷ୍ୟ ସାଧନ କରିବା ପାଇଁ ସ୍ୱଦେଶୀ ନିର୍ମିତ 'ଇମେଜିଂ ଇନ୍ଫ୍ରା-ରେଡ୍ ସିକର' କୌଶଳକୁ ବ୍ୟବହାର କରିଛି। ଏହି ସଫଳ ପରୀକ୍ଷଣ ପାଇଁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଭାରତୀୟ ନୌସେନା ଏବଂ ଡିଆର୍ଡିଓକୁ ଅଭିନନ୍ଦନ ଜଣାଇଛନ୍ତି। ଏନ୍ଏଏସ୍ଏମ୍-ଏସ୍ଆର୍ ମିଶାଇଲ ଭାରତୀୟ ନୌସେନାରେ ଏକ ଶକ୍ତିଶାଳୀ ଅସ୍ତ୍ର ଭାବେ ଯୋଡ଼ିହେବା ପାଇଁ ପ୍ରସ୍ତୁତ ଥିବା ସେ କହିଛନ୍ତି।




ନୌସେନାର 'ସି କିଙ୍ଗ୍' ହେଲିକପ୍ଟରରୁ ଏହି ଆଣ୍ଟି ଶିପ୍ ମିଶାଇଲକୁ ଉତ୍କ୍ଷେପଣ କରାଯାଉଛି।

# 'ଅନିର୍ଦ୍ଦିଷ୍ଟ କାଳ ଯାଏ ଜମି ବ୍ୟବହାରରୁ ମାଲିକଙ୍କୁ ବଞ୍ଚିତ କରାଯାଇପାରିବନି'

ନୂଆଦିଲ୍ଲୀ, ୨୬।୨

କୌଣସି ଜମି ମାଲିକଙ୍କୁ ଅନିର୍ଦ୍ଦିଷ୍ଟ କାଳ ଯାଏ, ସେମାନଙ୍କ ଜମିକୁ ବ୍ୟବହାର କରିବାରୁ ବଞ୍ଚିତ କରାଯାଇପାରିବ ନାହିଁ। ଏକ ମାମଲାର ଶୁଣାଣି କରି ବୁଧବାର ସର୍ବୋଚ୍ଚ ଅଦାଲତ ଏପରି ଟିପ୍ପଣୀ କରିଛନ୍ତି। ଜଷ୍ଟିସ୍ ଜେ.ବି. ପାର୍ଡିୱାଲା ଏବଂ ଜଷ୍ଟିସ୍ ଆର୍. ମହାଦେବନଙ୍କୁ ନେଇ ଗଠିତ ଖଣ୍ଡପୀଠ ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କର ଏକ ରାୟକୁ ଖାରଜ କରି କହିଛନ୍ତି, ଯେତେବେଳେ ଜଣେ ଜମି ମାଲିକଙ୍କ ଉପରେ ତାଙ୍କର କୌଣସି ନିର୍ଦ୍ଦିଷ୍ଟ ଜମିକୁ ବ୍ୟବହାର କରିବା ପାଇଁ ପ୍ରତିବନ୍ଧକ ଲଗାଯାଇଥାଏ, ସେପରି ସ୍ଥଳେ ଉକ୍ତ ପ୍ରତିବନ୍ଧକକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ରଖାଯାଇପାରିବ ନାହିଁ। ମୁମ୍ବାଇରେ ଏକ ଖାଲି ଥିବା ପ୍ଲଟ୍ର ମାଲିକଙ୍କ ପକ୍ଷରୁ କରାଯାଇଥିବା ଆବେଦନର ଶୁଣାଣି କରି ସର୍ବୋଚ୍ଚ ଅଦାଲତ କହିଛନ୍ତି, ମହାରାଷ୍ଟ୍ର ଆଞ୍ଚଳିକ ଏବଂ ନଗର ଯୋଜନା ଅଧିନିୟମ, ୧୯୬୬ର ଧାରା ୧୨୭ ଅନୁଯାୟୀ କୌଣସି ବିକାଶମୂଳକ ଯୋଜନା ପାଇଁ ଗତ ୩୩ ବର୍ଷ ଧରି ଏକ ନିର୍ଦ୍ଦିଷ୍ଟ ଭୂମିକୁ ସଂରକ୍ଷଣ କରି ରଖାଯାଇଛି, ଯାହା ସମ୍ପୂର୍ଣ୍ଣ ଅନୁଚିତ।



